
ବିଶେଷ ଓଡିଆ ସଂସ୍କରଣ - ୧ ଜୁନ୍ ୨୦୧୧

ସ୍ୱଳ୍ପ ବାହ୍ୟ ସହାୟତାରେ ସ୍ଥାୟୀ କୃଷି ଆଧାରିତ ପତ୍ରିକା
କେତେକ ବଛାବଛା ଲେଖାର ଓଡିଆ ସଂକଳନ

# LEISA INDIA

## ଲେଇସା ଇଣ୍ଡିଆ

### ବିଶେଷ ଓଡିଆ ସଂସ୍କରଣ



LEISA INDIA

ଲେଇସା ଇଣ୍ଡିଆ

## ବିଶେଷ ଓଡିଆ ସଂସ୍କରଣ

ଏଥିରେ ଲେଇସା ଇଣ୍ଡିଆରେ ପୂର୍ବରୁ ପ୍ରକାଶିତ ଇଂରାଜୀ ଭାଷାର କିଛି ବଛାବଛା ମୂଳ ଲେଖାକୁ ଓଡିଆ ଭାଷାରେ ସଂକଳିତ କରାଯାଇଛି ।


**ଓରୀସା**

ପୋଷ୍ଟ ବାକ୍ସ - ୫୧, ଜି.ପି.ଓ,ଭୁବନେଶ୍ୱର –୭୫୧୦୦୧

www.orrissa.co.in

**ଏ.ଏମ୍.ଇ. ଫାଉଣ୍ଡେସନ୍**

ନଂ-୨୦୪, ୧୦୦ ଫିଟ୍ ରିଙ୍ଗ ରୋଡ୍, ଫେଜ୍ ୩, ବନଶଙ୍କରୀ ୨ୟ ମହଲା, ୩ୟ ସୋପାନ, ବାଙ୍ଗାଲୋର – ୫୬୦୦୮୫

ଫୋନ ନଂ :+୯୧-୦୮୦-୨୬୬୯୯୫୧୨, ୨୬୬୯୯୫୨୨

ଫାକ୍ସ ନଂ: +୯୧-୦୮୦-୨୬୬୯୯୪୧୦

ଇ ମେଲ : amebang@giasbg01.vsnl.net.in



**ଅଧକ୍ଷ -** ଡ଼ଃ. ଆର. ଦ୍ୱାରିକାନାଥ

**କୋଷାଧକ୍ଷ -** ଶ୍ରୀ ଏସ୍. ଏଲ୍. ଶ୍ରୀନିବାସ

**ସଭ୍ୟ -** ଡ଼ଃ. ଭିଥଲ ରାଜନ,

ଡ଼ଃ. ଏମ୍ . ମହାଦେବାପ୍ପା

ଡ଼ଃ. ଏନ୍. କେ. ସାଙ୍ଘି

ଡ଼ଃ. ଏନ୍. ଜି. ହେଗ୍ଡ଼େ,

ଡ଼ଃ. ଟି. ଏମ୍. ତ୍ୟାଗରାଜନ,

ଡ଼ଃ. ଭି. ବିରଭଦ୍ରେୟା

**ପରିଚାଳନା ନିର୍ଦ୍ଦେଶକ -** କେ. ଭି. ଏସ୍. ପ୍ରସାଦ



**ଅନୁବାଦ**

ମୃତ୍ୟୁଞ୍ଜୟ ବେହେରା

**ଅନୁବାଦ ସମନ୍ୱୟ**

ଶ୍ରୀମତୀ ରଶ୍ମୀ ପଟ୍ଟନାୟକ

**ସଂଯୋଜନା**

ବିଶ୍ୱମୋହନ ମହାନ୍ତି, ଓରୀସା

ଅରୁନ୍ କୁମାର ଶିଭରାଏ, ଏ.ଏମ୍.ଇ ଫାଉଣ୍ଡେସନ୍

**ଅଳଙ୍କରଣ ଓ ମୁଦ୍ରଣ**

ଲିପିସ୍କାନ୍, ଭୁବନେଶ୍ୱର

**ପ୍ରଚ୍ଛଦ ଫୋଟୋଚିତ୍ର**

ଓରୀସା ଫୋଟୋ ଲାଇବ୍ରେରୀ

**ଲେଇସା ପତ୍ରିକା**

**ଅନ୍ୟାନ୍ୟ ସଂକଳନ**

ଲାଟିନ୍ ଆମେରିକା, ଇଣ୍ଡୋନେସିଆ.ପଶ୍ଚିମ ଆଫ୍ରିକା, ବ୍ରାଜିଲ୍ ଏବଂ ଚାଇନିଜ୍ ସଂସ୍କରଣ

**ଲେଇସା ଇଣ୍ଡିଆ ପତ୍ରିକା**

**ଅନ୍ୟାନ୍ୟ ଆଞ୍ଚଳିକ ସଂସ୍କରଣ**

ହିନ୍ଦି, ତେଲୁଗୁ, ତାମିଲ୍ ଏବଂ କନ୍ନଡ


(ସଂପାଦନା ମଣ୍ଡଳୀ ତରଫରୁ ପତ୍ରିକାର ଉଦ୍ଦେଶ୍ୟକୁ ଯଥାସାଧ ସଠିକ୍ ଭାବେ ଉପସ୍ଥାପନ କରିବାକୁ ସମସ୍ତ ଯତ୍ନ ନିଆଯାଇଛି । ତେବେ ଏଥିରେ ପ୍ରକାଶିତ ଲେଖାଗୁଡିକର ସତ୍ୟାସତ୍ୟ ପାଇଁ ସଂପୃକ୍ତ ଲେଖକ ହିଁ ଦାୟୀ ରହିବେ । )

ଲେଇସା ଇଣ୍ଡିଆ ଇଂରାଜୀ ସଂସ୍କରଣ ଗୁଡିକର କିଛି ବଛା ବଛା ଲେଖାକୁ ବିଶେଷ ଓଡିଆ ସଂକଳନ ହିସାବରେ ଆପଣ ମାନଙ୍କ ଆଗରେ ଉପସ୍ଥାପିତ କରିପାରିଥିବାରୁ ଆମେ ବେଶ୍ ଖୁସି । ଲେଇସା ଜ୍ଞାନକୁ ସ୍ଥାନୀୟ ଭାଷାରେ ପ୍ରକାଶକରି ସମସ୍ତଙ୍କ ନିକଟତର କରିବା ନିମନ୍ତେ ଏହା କରା ହୋଇ ଆସୁଛି । ଏହାର ଉଦ୍ଦେଶ୍ୟକୁ ସୁଦୁରପ୍ରସାରୀ କରିବା ପାଇଁ ଆମେ ଆପଣମାନଙ୍କ ସହଯୋଗ ଓ ସଦିଚ୍ଛା କାମନା କରୁଛୁ । ଏହି ତୃତୀୟ ଓଡିଆ ସଂସ୍କରଣର ଅନୁବାଦ ଓ ଏହାର ପ୍ରସ୍ତୁତି ଦିଗରେ ଆମକୁ ବିଶେଷ ସହଯୋଗ କରିଥିବାରୁ ଆମେ 'ଓରୀସା' ଅନୁଷ୍ଠାନ ନିକଟରେ କୃତଜ୍ଞ । *ଏହି ପତ୍ରିକାଟିର ଏକ ସୌଜନ୍ୟ ସଂଖ୍ୟା ଆପଣଙ୍କ ନିକଟକୁ ପଠା ଯାଉଅଛି । ଭବିଷ୍ୟତରେ ଆପଣ ଏହି ପତ୍ରିକା ନିୟମିତ ପାଇବାକୁ ଆଗ୍ରହୀ ଥିଲେ ଆମକୁ ଜଣାଇବାକୁ ଅନୁରୋଧ । ଆମେ ଆପଣଙ୍କ ଠିକଣା ଆମର ନିୟମିତ ଗ୍ରାହକ ତାଲିକାରେ ସ୍ଥାନୀତ କରିବୁ ।*

ଲେଇସା ଇଣ୍ଡିଆ ଟିମ୍

## ଲେଇସା

ସ୍ୱଳ୍ପ ବାହ୍ୟ ସହାୟତା ଓ ସ୍ଥାୟୀ କୃଷି ଉପରେ ଆଧାରିତ ଲେଇସା ପାରିବେଶିକ କୃଷି ପ୍ରଣାଳୀରେ ନିଜର ଉତ୍ପାଦନ ଓ ଉପାର୍ଜନ ବୃଦ୍ଧି କରିବାକୁ ଚାହୁଁଥିବା ଚାଷୀମାନଙ୍କ ପାଇଁ ଏକ ବୈଷୟିକ ଓ ସାମାଜିକ ବିକଳ୍ପ । ଲେଇସାରେ ସ୍ଥାନୀୟ ସମ୍ବଳ ଓ ପ୍ରାକୃତିକ ସଂସାଧନ ଗୁଡିକର ସୁବ୍ୟବହାର ଏବଂ ଆବଶ୍ୟକ ସ୍ଥଳେ ବାହ୍ୟ ସାଧନ ଗୁଡିକର ସୁରକ୍ଷିତ ଓ ପ୍ରଭାବି ବ୍ୟବହାର ସଂପର୍କିତ ଶିକ୍ଷା ମିଳେ । ଏହା ନିଜସ୍ୱ ଜ୍ଞାନ, ଦକ୍ଷତା, ମୂଲ୍ୟବୋଧ, ସଂସ୍କୃତି ଓ ସଂଗଠନ ଆଧାରରେ ନିଜର ଭବିଷ୍ୟତ ଗଠନ କରିବାକୁ ଚାହୁଁଥିବା ମହିଳା, ପୁରୁଷ ଓ ଗୋଷ୍ଠୀଗୁଡିକ ନିମନ୍ତେ ଉଦ୍ଦିଷ୍ଟ । କୃଷିରେ ଉନ୍ନତୀ ଏବଂ ପରିବର୍ତ୍ତିତ ପରିସ୍ଥିତି ଓ ଆବଶ୍ୟକତା ଅନୁସାରେ ଏହାର ପ୍ରୟୋଗ ପାଇଁ ଚାଷୀ ଓ କର୍ମୀ ମାନଙ୍କ ସାମର୍ଥ୍ୟ ଗଠନ ଦିଗରେ ଲେଇସା ହେଉଛି ଏକ ସହଭାଗୀ ଭିତ୍ତିକ ପ୍ରକ୍ରିୟା । ଲେଇସା ଦେଶୀ ଜ୍ଞାନକୌଶଳ ଓ ବିଜ୍ଞାନ ସମ୍ମତ ଜ୍ଞାନଗୁଡିକୁ ଏକାଠି କରିଥାଏ ଏବଂ ଏହାର ଆନୁସଙ୍ଗୀକ ବିକାଶ ପାଇଁ ଯଥାଯଥ ପଦକ୍ଷେପ ନେବାକୁ ନୀତି ନିର୍ଦ୍ଧାରକ ମାନଙ୍କୁ ପ୍ରଭାବିତ କରିଥାଏ । ଲେଇସା ହେଉଛି ଏକ ସଜ୍ଞା, ଏକ ପନ୍ଥା ଓ ଏକ ରାଜନୈତିକ ଆହ୍ୱାନ ।

**ମିଜେରିଅର (MISEREOR)-** ବିକାଶ କ୍ଷେତ୍ରରେ ସହଯୋଗ ପାଇଁ ୧୯୫୮ ମସିହାରେ ଜର୍ମାନ କାଥଲିକ ବିଶପ୍ ସଂଘ ଦ୍ୱାରା ମିଜେରିଅର ସ୍ଥାପିତ ହୋଇଥିଲା । ଗତ ୫୦ ବର୍ଷଧରି ମିଜେରିଅର ଆଫ୍ରିକା, ଏସିଆ ଏବଂ ଲାଟିନ୍ ଆମେରିକା ଆଦି ଦେଶ ଗୁଡିକରେ ଦାରିଦ୍ର୍ୟ ବିରୁଦ୍ଧରେ ସଂଗ୍ରାମ ପାଇଁ ପ୍ରତିଶୃତିବଦ୍ଧ ହୋଇ ଆସିଛି । ଧର୍ମ, ଜାତି ଓ ଲିଙ୍ଗ ନିର୍ବିଶେଷରେ ପ୍ରତ୍ୟକ ଅଭାବଗ୍ରସ୍ତ ମଣିଷର ଆବଶ୍ୟକତା ପାଇଁ ମିଜେରିଅରର ସହାୟତା ଉପଲବ୍ଧ ।

ମିଜେରିଅରର ଦର୍ଶନ ହେଉଛି ଗରୀବ ଓ ଅନୁନ୍ନତ ଲୋକ ମାନଙ୍କର ଶସକ୍ତିକରଣ ପାଇଁ ପ୍ରଚେଷ୍ଟାକୁ ସହଯୋଗ କରିବା । ଏହା ସ୍ଥାନୀୟ ଅନୁଷ୍ଠାନ, ଚର୍ଚ୍ଚ ଅନୁଷ୍ଠାନ, ବେସରକାରୀ ଅନୁଷ୍ଠାନ, ସାମାଜିକ ଆନ୍ଦୋଳନ ଓ ଗବେଷଣା ଅନୁଷ୍ଠାନ ଗୁଡିକ ସହ ଭାଗୀଦାରୀ ହିସାବରେ କାର୍ଯ୍ୟକରିଥାଏ । ସହଯୋଗୀ ଅନୁଷ୍ଠାନ ମାଧମରେ ଏହା ହିତାଧିକାରୀ ମାନଙ୍କ ସହ ମିଶି ସ୍ଥାନୀୟ ବିକାଶ ପ୍ରକ୍ରିୟା ଓ ପ୍ରକଳ୍ପ କାର୍ଯ୍ୟକାରୀତାରେ ଜଡିତ ହୋଇଥାଏ । ସହଯୋଗୀ ଅନୁଷ୍ଠାନ ମାନଙ୍କ ସହ ମିଳିତ ଭାବରେ ମିଜେରିଅର ପରିବର୍ତ୍ତିତ ପରିସ୍ଥିତିକୁ ସାମ୍ନା କରିଥାଏ । ( www.misereor.de, www.misereor.org )

**ଓରୀସା (ORRISSA)** ଏକ ସ୍ୱେଚ୍ଛାସେବୀ ଅନୁଷ୍ଠାନ । ଏହା ଚାଷୀ ନେତୃତ୍ୱ ପ୍ରକ୍ରିୟାରେ କୃଷିର ସ୍ଥାୟୀ ବିକାଶ ନିମନ୍ତେ ଆଦିବାସୀ ବହୁଳ କନ୍ଧମାଳ ଓ ମାଲକାନଗିରି ଜିଲ୍ଲାରେ ଗତ ଦୁଇ ଦଶନ୍ଧି ଧରି କାର୍ଯ୍ୟରତ । କୃଷକ ସଂଗଠନ ମାଧମରେ ପାରଂପରିକ ଚାଷଜ୍ଞାନ କୌଶଳର ଉନ୍ନତୀ, ପାରମ୍ପରିକ ବିହନର ସୁରକ୍ଷା ଓ ପ୍ରସାର, ପ୍ରାକୃତିକ ସଂପଦ ପରିଚାଳନା ମାଧମରେ କ୍ଷୁଦ୍ର ଓ ନାମମାତ୍ର ଚାଷୀମାନଙ୍କର ସାର୍ବଭୌମତ୍ୱ ରକ୍ଷା ଦିଗରେ କାର୍ଯ୍ୟକରୁଛି । ଆଦିବାସୀ ମହିଳା ସମବାୟ ମାଧମରେ କୃଷି ଓ ଜଙ୍ଗଲଜାତ ଦ୍ରବ୍ୟର ପ୍ରକ୍ରିୟାକରଣ କରି ଜଙ୍ଗଲ ଉପରେ ନିର୍ଭରଶୀଳ ଗୋଷ୍ଠୀଗୁଡିକର ଜୀବିକା ସୁରକ୍ଷା ଦିଗରେ କାର୍ଯ୍ୟକରୁଛି । ଅନୁଷ୍ଠାନ ସଂପର୍କିତ ଅଧିକ ବିବରଣୀ www.orrissa.co.in ରୁ ମିଳିପାରିବ ।

**ଏ.ଏମ୍.ଇ. ଫାଉଣ୍ଡେସନ୍** ସ୍ୱଳ୍ପ ବାହ୍ୟ ସହାୟତା ଭିତ୍ତିକ ପ୍ରାକୃତିକ ସଂପଦ ପରିଚାଳନା ପାଇଁ ସ୍ଥାନୀୟ ପାରମ୍ପରିକ ଜ୍ଞାନକୌଶଳ ଏବଂ ନୂଆ ସୃଜନଶୀଳ ବୈଷୟିକ ଜ୍ଞାନ ଦ୍ୱାରା ଜୀବିକାର ଉନ୍ନତି ଦିଗରେ କାର୍ଯ୍ୟ କରିଥାଏ । ଏ.ଏମ୍.ଇ. ଫାଉଣ୍ଡେସନ୍ ଦାକ୍ଷିଣାତ୍ୟ ମାଳଭୂମୀ ଅଞ୍ଚଳର କ୍ଷୁଦ୍ର ତଥା ନାମମାତ୍ର ଚାଷୀମାନଙ୍କ ସହିତ ବିକଳ୍ପ କୃଷି, ଜ୍ଞାନକୌଶଳର ଅଭିବୃଦ୍ଧି, ତାଲିମ୍, ବିକାଶ ଅନୁଷ୍ଠାନଗୁଡିକ ସହ ସଂପୃକ୍ତି କରାଇବା ଏବଂ ଅନୁଭୂତି ଆଦାନ ପ୍ରଦାନ ଦିଗରେ କାର୍ଯ୍ୟକରିଥାଏ । ଏହାର ୱେବ୍‌ସାଇଟ୍ ଠିକଣା ହେଉଛି www.amefound.org




**ମିଜେରିଅର (MISEREOR)** ସହାୟତାରେ ଏମ୍. ଇ. ଫାଉଣ୍ଡେସନ୍ ସହ ମିଳିତ ଭାବରେ "ଓରୀସା" ଦ୍ୱାରା ପ୍ରକାଶିତ ହେଉଛି ।

# ସୂଚୀପତ୍ର

**ବିଶେଷ ଓଡିଆ ସଂସ୍କରଣ -୧, ଜୁନ୍ ୨୦୧୧**


୪ **ଗ୍ରାମୀଣ ଜୀବିକା ସଂସ୍ଥାନ - ମୂଲ୍ୟଯୁକ୍ତ ଆକର୍ଷଣୀୟ ସାମଗ୍ରୀ ପ୍ରସ୍ତୁତି**
ଶ୍ରୀକାନ୍ତ ସେନୟ ଟିଭି

୮ **ପ୍ରାକୃତିକ ପର୍ଯ୍ୟଟନ - ଏକ ବିକାଶୋନ୍ମୁଖୀ ଗ୍ରାମୀଣ ଉଦ୍ୟୋଗ**
ଇନିର ପିନହେଇରୋ

୧୧ **ବର୍ଷାଧାର ଧାନଚାଷରେ ଏକ ନୂଆ ପ୍ରଣାଳୀର ପ୍ରୟୋଗ**
ସଙ୍ଗୀତା ପାଟିଲ୍, କେ.ଏସ୍, ଚାପାଲ୍‌ଗାଓଁକର

୧୫ **ବିହନ କେନ୍ଦ୍ର ସ୍ଥାପନ ମାଧ୍ୟମରେ ଆଦିବାସୀ ମହିଳା ମାନଙ୍କର ଖାଦ୍ୟ ସାର୍ବଭୌମତ୍ୱ**
ବୀଣା ବିଦ୍ୟାଧରନ୍ ଓ ମନୋଜ କୁମାର ତିୱାରୀ

୧୭ **ପାରଂପରିକ ପଦ୍ଧତିରେ ପଶୁ ସ୍ୱାସ୍ଥ୍ୟ ସୁରକ୍ଷା**
ଗଙ୍ଗାଧର ନାୟକ

୧୮ **ମହିଳାମାନେ ଖାଦ୍ୟ ନିରାପତ୍ତା ଓ ସାର୍ବଭୌମତ୍ୱର ସୁରକ୍ଷା କଲେ**
ନରେଶ ଯାଦବ ଓ ପଲ୍ଲବି ସୋବ୍‌ତି ରାଜପାଲ


## ଗ୍ରାମୀଣ ଜୀବିକା ସଂସ୍ଥାନ - ମୂଲ୍ୟଯୁକ୍ତ ଆକର୍ଷଣୀୟ ସାମଗ୍ରୀ ପ୍ରସ୍ତୁତି ୪

**ଶ୍ରୀକାନ୍ତ ସେନୟ ଟିଭି**



କର୍ଣ୍ଣାଟକର ଲାକ୍କାଭାନାହାଲି ଓ ଆଖପାଖ ଅଞ୍ଚଳର ଗରୀବ ଚାଷୀମାନେ ରୋଜଗାରର ଏକ ବିକଳ୍ପ ପନ୍ଥା ପାଇପାରିଛନ୍ତି । ସ୍ଥାନୀୟ ଅଞ୍ଚଳରେ କାମ କରୁଥିବା ଏକ ବେସରକାରୀ ଅନୁଷ୍ଠାନ ଆଇ.ଡି.ଏଫ୍ ର ସହଯୋଗ ଓ ପ୍ରେରଣାରେ ଏହି ଶୁଖା ଅଞ୍ଚଳର ଚାଷୀମାନେ ରୋଜଗାର ଅନ୍ୱେଷଣରେ ଦାଦନ ଯିବା ହ୍ରାସ ପାଇଛି । ଏହି ଚାଷୀମାନେ ମୂଲ୍ୟଯୁକ୍ତ ଆକର୍ଷଣୀୟ ସାମଗ୍ରୀ ପ୍ରସ୍ତୁତି କରିବା ଫଳରେ ସେମାନଙ୍କର ସାମଗ୍ରୀଗୁଡିକ ବଜାରୋପଯୋଗୀ ହୋଇପାରିଛି । ସେମାନଙ୍କର ବ୍ୟବସାୟଗତ ଦକ୍ଷତା ତୀକ୍ଷ୍ଣ ହୋଇଛି ଏବଂ ଦେଶାନ୍ତରୀ ହ୍ରାସ ପାଇଛି ।

## ପ୍ରାକୃତିକ ପର୍ଯ୍ୟଟନ - ଏକ ବିକାଶୋନ୍ମୁଖୀ ଗ୍ରାମୀଣ ଉଦ୍ୟୋଗ ୮

**ଇନିର ପିନହେଇରୋ**



ଗ୍ରାମ୍ୟ ଗୋଷ୍ଠୀ ଗୁଡିକୁ ସ୍ଥାନୀୟ ସଂସ୍କୃତି, ପରଂପରା, ପରିବେଶ, ପାରଂପରିକ ଜ୍ଞାନ ଓ ଜୀବନଶୈଳୀର ସୁରକ୍ଷା ପାଇଁ ସ୍ଥାୟୀ ସୁଯୋଗ ସୃଷ୍ଟି କରିବା ଏକ ମହତ୍ତ୍ୱପୂର୍ଣ୍ଣ ଉଦ୍ୟମ । ଏକ ବେସରକାରୀ ଅନୁଷ୍ଠାନ ଗ୍ରାସ୍‌ରୁଟସ୍ ଅନୁଷ୍ଠାନ ଦ୍ୱାରା ଗ୍ରାମ୍ୟ ପର୍ଯ୍ୟଟନର ଅଭିନବ କଳ୍ପନା ମହାରାଷ୍ଟ୍ରର ପୁରୁଷବାଡି ଓ କୋହାନେ ଗାଁର ଲୋକମାନଙ୍କ ପାଇଁ ନୂଆ ସମ୍ଭାବନା ସୃଷ୍ଟି କରିଛି ।

## ବର୍ଷାଧାର ଧାନଚାଷରେ ଏକ ନୂଆ ପ୍ରଣାଳୀର ପ୍ରୟୋଗ ୧୧

**ସଙ୍ଗୀତା ପାଟିଲ୍**



ଶ୍ରୀ ପ୍ରଣାଳୀ ହେଉଛି ଏକ ନୂଆ ଚାଷ ପଦ୍ଧତି ଯାହା କମ୍ ଖର୍ଚ୍ଚରେ ଅଧିକ ଅମଳ ପ୍ରଦାନ କରିଥାଏ ଓ ପରିବେଶ ତଥା ଜମିକୁ ସୁସ୍ଥ ରଖିଥାଏ । ଶ୍ରୀ ପଦ୍ଧତିରେ ମାଟି, ପାଣି, ଚାରା ଓ ପୋଷଣ ତତ୍ତ୍ୱର ସୁପରିଚାଳନା ଦ୍ୱାରା ଜମି ଉର୍ବର ହେବା ସହ ଗଛର ଚେର ଗଭୀରକୁ ଯାଇ ଅଧିକ ପିଲ ଦେଇ ସୁସ୍ଥ ଭାବରେ ବଢିଥାଏ ଏବଂ ଅଧିକ ପରିମାଣର ଫଳ ଦିଏ । ଏ.ଏମ୍.ଇ ଫାଉଣ୍ଡେସନ୍ ଦ୍ୱାରା କର୍ଣ୍ଣାଟକର ଧରୱାଡ୍ ଜିଲ୍ଲାର ବର୍ଷାଧାର ଅଞ୍ଚଳରେ ଏହି ପ୍ରଣାଳୀରେ ଧାନଚାଷ କରି ପରିବେଶ ସହ କୃଷିରେ ଉନ୍ନତୀ ଅଣା ଯାଇପାରିଛି ।

## ମହିଳାମାନେ ଖାଦ୍ୟ ନିରାପତ୍ତା ଓ ସାର୍ବଭୌମତ୍ୱର ସୁରକ୍ଷା କଲେ ୧୮

**ନରେଶ ଯାଦବ ଓ ପଲ୍ଲବି ସୋବ୍‌ତି ରାଜପାଲ**

ଆଦିବାସୀ ବହୁଳ ଦାହୋଦ୍ ଜିଲ୍ଲାର ଧାନପୁର ବ୍ଲକର ମହିଳାମାନେ ସ୍ୱୟଂସହାୟିକା ଦଳ ଗଠନ କରି ବିଭିନ୍ନ କାର୍ଯ୍ୟକ୍ରମ ମାନ ଗ୍ରହଣ କରି ନିଜର ଜୀବିକା ନିରାପତ୍ତା ସହ ଜୈବବିବିଧତାର ସୁରକ୍ଷା କରି ପାରିଛନ୍ତି । ସେମାନେ ପଶୁଖାଦ୍ୟ ବ୍ୟାଙ୍କ, ବିହନ ଭଣ୍ଡାର,ଚିରନ୍ତନ କୃଷି ଆଦି ମାଧ୍ୟମରେ ନିଜର ଖାଦ୍ୟ ନିରାପତ୍ତାକୁ ମଜଭୁତ କରି ପାରିଛନ୍ତି ।

## ବିହନ କେନ୍ଦ୍ର ସ୍ଥାପନ ମାଧ୍ୟମରେ ଆଦିବାସୀ ମହିଳା ମାନଙ୍କର ଖାଦ୍ୟ ସାର୍ବଭୌମତ୍ୱ ୧୫

**ବୀଣା ବିଦ୍ୟାଧରନ୍ ଓ ମନୋଜ କୁମାର ତିୱାରୀ**

ରାଜସ୍ଥାନର ବାରାନ୍ ଜିଲ୍ଲା ଅନ୍ତର୍ଗତ ଆଦିବାସୀ ଅଧ୍ୟୁଷିତ ସାହାବାଦ ବ୍ଲକର ଚାଷୀମାନେ ବିହନ ସଂରକ୍ଷଣ ଅଭାବରୁ ଚାଷରେ ନାନା ଅସୁବିଧାର ସମ୍ମୁଖୀନ ହେଉଥିଲେ । ଏବେ ଏଠାକାର ଭୀଲ୍ ଓ ସହରିଆ ଆଦିବାସୀ ମାନେ ବିହନ କେନ୍ଦ୍ର ସ୍ଥାପନ କରି ନିଜେ ତାହାର ପରିଚାଳନା ଓ ବ୍ୟବହାର କରୁଥିବାରୁ ଉତ୍ତମ ମାନର ବିହନ ପାଇ ପାରୁଛନ୍ତି ଏବଂ ପାରଂପରିକ ବିହନ ସବୁର ସୁରକ୍ଷା ହୋଇ ପାରୁଛି ।



# ଗ୍ରାମୀଣ ଜୀବିକା ସଂସ୍ଥାନ - ମୂଲ୍ୟଯୁକ୍ତ ଆକର୍ଷଣୀୟ ସାମଗ୍ରୀ ପ୍ରସ୍ତୁତି

**ଶ୍ରୀକାନ୍ତ ସେନୟ ଟିଭି**

"ଆମ୍ଭମାନଙ୍କ ପାଖରେ ଏବେ ଅନେକ ସୁଯୋଗ, ଦିନକୁ ଦୁଇମୁଠା ଆହାର ଯୋଗାଡ କରିବାକୁ ଆମକୁ ଆଉ ଦେଶାନ୍ତରୀ ହେବାକୁ ପଡୁନାହିଁ । ପାଞ୍ଚବର୍ଷ ପୂର୍ବରୁ ଆମକୁ ବର୍ଷକୁ ମାତ୍ର ୬୦ରୁ ୭୦ ଦିନ କାମ ମିଳୁଥିଲା । କିନ୍ତୁ ଏବେ ଆମ ନିଜ ଜାଗାରେ ଆମେ ବର୍ଷକୁ ୨୫୦ରୁ ୩୦୦ ଦିନ କାମ ପାଇ ପାରୁଛୁ । ଆମର ଦୈନିକ ରୋଜଗାର ୨୫ ଟଙ୍କାରୁ ବଢ଼ି ଏବେ ୮୦ରୁ ୧୫୦ ଟଙ୍କା ପର୍ଯ୍ୟନ୍ତ ହୋଇ ପାରିଛି । ଆଗରୁ ବଡ ସହର ହିସାବରେ କେବଳ ଦାୱାଙ୍ଗେର୍ ଦେଖିଥିଲୁ କିନ୍ତୁ ଏବେ ଅନେକ ବଡ ବଡ ସହର ଆମେ ବୁଲି ଆସିଲୁଣି । ଏବେ ସମସ୍ତେ ମୋତେ ଦୁବାଇ ଶଙ୍କରାମ୍ମା ବୋଲି ଡାକୁଛନ୍ତି । ଅନ୍ୟମାନେ ମଧ୍ୟ ଦିଲ୍ଲୀ, ମୁମ୍ବାଇ, ବାଙ୍ଗାଲୋର ଆଦି ସହରକୁ ଅନେକ ଥର ଗଲେଣି । ଆମ ଆଖିରେ ଏବେ ଅନେକ ସ୍ୱପ୍ନ, ଏବଂ ଆମର ଛୋଟ ଛୋଟ ସ୍ୱପ୍ନ ଗୁଡିକୁ ସାକାର କରି ପାରିବୁ ବୋଲି ଆମେ ଦୃଢ଼ ନିଶ୍ଚିତ ।" - ଦୁବାଇ ଶଙ୍କରାମ୍ମା

ଲାକ୍କାଭାନାହାଲି ଓ ଆଖପାଖ ଗାଁର ଶଙ୍କରାମ୍ମା ଓ ତାଙ୍କ ସାଥି ମାନେ ଗାଁର ପ୍ରାକୃତିକ ତନ୍ତୁ ସମବାୟକୁ ପରିଦର୍ଶନରେ ଆସିଥିବା ପରିଦର୍ଶକ ମାନଙ୍କୁ ଦେଇଥିବା ଏହି ଉତ୍ସାହଭରା ମନ୍ତବ୍ୟର କେବେ ଅନ୍ତ ହେବନାହିଁ । କର୍ଣ୍ଣାଟକ ରାଜ୍ୟ ଚିତ୍ରଦୁର୍ଗ ଜିଲ୍ଲା ହିରିୟୁର ବ୍ଲକର ଲାକ୍କାଭାନାହାଲି, କୁନିକେରେ, ସିଗେହାଟି, ମାୟାସାନ୍ଦ୍ରା, ହୁଚାଭାନ୍‌ହାଲି ଆଦି ଗାଁକୁ ନେଇ ସୃଷ୍ଟି ହୋଇଥିବା ପ୍ରାକୃତିକ ତନ୍ତୁ ସମବାୟର ଏମାନେ ଅଗ୍ରଣୀ ସଦସ୍ୟା । ଏହି ଅନାମଧେୟ ଗାଁ ଗୁଡିକର ଲୋକମାନେ ମୁଖ୍ୟତଃ ଢେପଜମି ଚାଷ ଉପରେ ନିର୍ଭର କରି ଚଳିଥାନ୍ତି । ଏହିସବୁ ଜମିରେ କେବଳ ଏକ ଫସଲି ମାଣ୍ଡିଆ ଚାଷ ହୁଏ । ଚାଷରେ ମୂଲିଆ କାମ ଓ ଛେଳି ମେଣ୍ଢା ପାଳନ ବ୍ୟତିତ ସେମାନଙ୍କ ପାଖରେ ଅନ୍ୟ କିଛି ରୋଜଗାର ପନ୍ଥା ନାହିଁ । ବର୍ଷାଦିନିଆ ଚାଷ ପରେ ଗ୍ରାମବାସୀମାନେ ଆଖପାଖର ଜଳସେଚିତ ଅଞ୍ଚଳ ଗୁଡିକୁ ବା ପାଖ ସହରକୁ କାମ ଅନ୍ୱେଷଣରେ ବାହାରି ଯାଆନ୍ତି । ଗାଁ ଗୁଡିକରେ ପିଇବା ପାଣି, ବାସଗୃହ, ସ୍ୱାସ୍ଥ୍ୟସେବା ଓ ଗମନାଗମନର ସୁବିଧା ପରି ମୌଳିକ ଆବଶ୍ୟକତା ଗୁଡିକର ମଧ୍ୟ ଘୋର ଅଭାବ ।

୨୦୦୧ ମସିହାରେ ଭାରତ ତଥା କର୍ଣ୍ଣାଟକ ସରକାରଙ୍କ ମହିଳା ସଶକ୍ତି କରଣ କାର୍ଯ୍ୟକ୍ରମ ଜରିଆରେ ଏହିସବୁ ଗରୀବ ପରିବାର ଗୁଡିକରୁ କିଛି ମହିଳାମାନଙ୍କୁ ନେଇ ସ୍ଥାନୀୟ ଏକ ବେସରକାରୀ ସଂସ୍ଥା 'ପ୍ରୟୋଗ' ଦ୍ୱାରା ସ୍ୱୟଂ ସହାୟକ ଦଳ ମାନ ଗଠନ କରାଗଲା । ଅନ୍ୟ ସ୍ୱୟଂ ସହାୟକ ଦଳଗୁଡିକ ପରି ଏହି ସ୍ୱୟଂ ସହାୟକ ଦଳଗୁଡିକ ମଧ୍ୟ ନିଜ ସାମାଜିକ ଓ ଆର୍ଥିକ ବିକାଶର ଲକ୍ଷ୍ୟ ସ୍ଥିର କରିପାରି ନଥିବାରୁ ସଂଗଠିତ ନହୋଇ ପଡି ରହିଥିଲା ।



*ନିଜ କଳା ଚାତୁରୀରେ ହସ୍ତକଳା ସାମଗ୍ରୀ ପ୍ରସ୍ତୁତିରେ ମଗ୍ନ ଜଣେ ଯୁବତୀ*

ମାତ୍ର ବୈଠକ ଓ ସଞ୍ଚୟ ଗତାନୁଗତିକ ଭାବେ ଚାଲୁଥିଲା। ୨୦୦୨ ମସିହା ବେଳକୁ ଯେତେବେଳେ ଏହି ଦଳ ଗୁଡିକର ମହିଳା ମାନେ ନିରାଶା ଭିତରେ ଥିଲେ, 'ଆଇ.ଡି.ଏଫ୍' ନାମକ ଆଉ ଏକ ବେସରକାରୀ ସଂସ୍ଥା ଏହି ଦଳ ଗୁଡିକୁ ସଂଗଠିତ କରିବାକୁ ଉଦ୍ୟମ କଲା । ମହିଳା ମାନେ କିପରି ଦଳଗତ ଭାବରେ ସ୍ଥାୟୀ ଜୀବିକାର୍ଜନ ପନ୍ଥା ପାଇପାରିବେ ସେ ବିଷୟରେ ଚିନ୍ତା କରାଗଲା ।

## ସହଭାଗୀତାପୂର୍ଣ୍ଣ ଅନୁସନ୍ଧାନ

"ମହିଳାମାନେ ବେସରକାରୀ ସଂସ୍ଥା ଓ ସରକାରୀ ବିଭାଗ ଗୁଡିକୁ ବିଶ୍ୱାସ କରୁନଥିଲେ । ତେଣୁ ସେମାନଙ୍କ ସହ ସଂପର୍କ ସ୍ଥାପନ କରିବା ଅନେକ କଷ୍ଟସାଧ ଥିଲା । ଦଳର ସଭ୍ୟାମାନେ ନିଜର ରୋଜଗାର ବୃଦ୍ଧି ପାଇଁ କେଉଁ ପନ୍ଥା କାର୍ଯ୍ୟକାରୀ କରିପାରିବେ ସେ ସଂପର୍କରେ ଆମର କୌଣସି ଧାରଣ ମଧ୍ୟ ନଥିଲା । ସେମାନେ କିଛି ରୋଜଗାର ପାଇଁ ହାତକୁ କାମ ଚାହୁଁଥିଲେ" – ବୋଲି କହନ୍ତି ଆଇ.ଡି.ଏଫ୍‌ର ଜଣେ ଅଧିକାରୀ ଶ୍ରୀକାନ୍ତ ହବାଲ୍ । କମ୍ ପୁଞ୍ଜି ବିନିଯୋଗରେ ଏହି ଗରୀବ ମହିଳାମାନଙ୍କୁ ନେଇ କିଛି କରିବା ବିପଦଶଙ୍କୁଳ ଥିଲା ।

## ବାଧା ଦୂରକରିବା ବ୍ୟବସ୍ଥା

ଆଇ.ଡି.ଏଫ୍ ତରଫରୁ ବିଭିନ୍ନ ଆୟବର୍ଦ୍ଧକ କାର୍ଯ୍ୟକ୍ରମ ଗୁଡିକ ଉପରେ ସହମତି ମୂଳକ ଆଲୋଚନା ମାନ କରାଗଲା ଏବଂ ବିଭିନ୍ନ ରୋଜଗାରଭିତ୍ତିକ କାର୍ଯ୍ୟକ୍ରମ ଗୁଡିକର ତାଲିକା ପ୍ରସ୍ତୁତ କରାଗଲା । ଗାଁ ଲୋକମାନେ ସାଧାରଣତଃ ସ୍ଥାନୀୟ ସମ୍ବଳ ଓ ଦକ୍ଷତା ଭିତ୍ତିକ, ସ୍ଥାନୀୟ ବଜାର ଚାହିଦା ଭିତ୍ତିକ, ମହିଳା ମାନଙ୍କ ସମୟ ଓ କାର୍ଯ୍ୟଦକ୍ଷତା ଭିତ୍ତିକ ଏବଂ ଅଧିକ ପୁଞ୍ଜି ଆବଶ୍ୟକ କରୁନଥିବା କାର୍ଯ୍ୟକ୍ରମ ଗୁଡିକୁ ପସନ୍ଦ କରିଥିଲେ । ଏହି ସାଧାରଣ ପ୍ରକ୍ରିୟା ବାଧା ଦୂର କରିବାରେ ବିଶେଷ ସହାୟକ ହୋଇଥିଲା।

## ବ୍ୟବସାୟିକ ଜ୍ଞାନରେ ଉନ୍ନତୀ

ସାଧାରଣ ଖାଦ୍ୟ ପ୍ରକ୍ରିୟାକରଣ ବ୍ୟବସାୟ ଠାରୁ ଆରମ୍ଭ କରି ନଡିଆ କତା ଶିଳ୍ପ ପର୍ଯ୍ୟନ୍ତ ବିଭିନ୍ନ ବ୍ୟବସାୟିକ ଧନ୍ଦା ଗୁଡିକ ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଗଲା । କାର୍ଯ୍ୟକ୍ରମ ଗୁଡିକ ଭିତରେ କେବଳ ପ୍ରାକୃତିକ ତନ୍ତୁ ବାହାର କରିବା କାର୍ଯ୍ୟକ୍ରମଟି ଅଞ୍ଚଳ ପାଇଁ ନୂଆଥିଲା । ଏହି ସବୁ ଗାଁ ଗୁଡିକରୁ ଅଧିକାଂଶ ପରିବାର ପଡୋଶୀ ମାଣ୍ଡ୍ୟା ଓ ମହୀଶୂର ଜିଲ୍ଲାକୁ ପାଣିରେ ବଢୁଥିବା ଏକ ପ୍ରକାର ଘାସ ବା ସନ୍ତରା ଯାହାକୁ ସ୍ଥାନୀୟ ଭାଷାରେ ଆପୁ କହନ୍ତି ତାହା ସଂଗ୍ରହ କରିବାକୁ ନିୟମିତ ଯାଉଥିଲେ । ଏହି ଲମ୍ବା ଘାସ ଗୁଡିକୁ କାଟି ବିଡା ବାନ୍ଧି ଶଗଡରେ ଅଣାଯାଉଥିଲା । ଗାଁରେ ସେସବୁ ଘାସକୁ ଖରାରେ ଶୁଖାଇ ସରୁସରୁ କରି ଚିରି ବିଡା ବାନ୍ଧି ହିରିୟୁର ବଜାରରେ ବିକ୍ରି କରାଯାଉଥିଲା । ଏହି ଘାସ ଗୁଡିକୁ ବ୍ୟବସାୟୀ ଓ ଚାଷୀମାନେ ପାନ ବରଜରେ ପାନ ଗଛ ବାନ୍ଧିବା ପାଇଁ କିଣୁଥିଲେ । ଆପୁ ଘାସ ଗୁଡିକ ନରମ ଓ ଶକ୍ତ ହୋଇଥିବାରୁ ଏହାକୁ ବାନ୍ଧିବା ଦ୍ୱାରା ପାନ ଗଛ ଗୁଡିକ କଟି ନଯାଇ ଠିକରେ ବଢୁଥିଲା । ମାଟିରେ ମିଶିଯାଉଥିବାରୁ ଏଗୁଡିକ ପ୍ଲାଷ୍ଟିକ ଦଉଡି ଅପେକ୍ଷା ସବୁଦୃଷ୍ଟିରୁ ଉନ୍ନତ ଥିଲା ।

ଏହି ଆପୁ ଘାସକୁ ବ୍ୟବହାର କରି ବିଭିନ୍ନ ଆକର୍ଷଣୀୟ ମସିଣା, ବ୍ୟାଗ୍ ଆଦି ହସ୍ତକଳା ସାମଗ୍ରୀ ତିଆରି ପାଇଁ ଆଇ.ଡି.ଏଫ୍ ସଂସ୍ଥା ତରଫରୁ ଉଦ୍ୟମ କରାଗଲା । ଆଇ.ଡି.ଏଫ୍ ସହିତ କାର୍ଯ୍ୟରତ ଜଣେ ଟେକ୍ସଟାଇଲ୍ ଇଂଜିନିୟର ଆନନ୍ଦ ଧଡ୍‌ୱାଡକର ଘାସ ଓ କଦଳୀ ପତ୍ରରୁ କିପରି ତନ୍ତୁ ବାହାର କରାଯାଇ ପାରିବ ତାହା ଶିକ୍ଷାଦେଲେ । ଝୋଟ ଓ କଦଳୀ ପଟୁଆକୁ ସ୍ୱତନ୍ତ୍ର ଭାବରେ କିମ୍ବା ଅନ୍ୟ କୌଣସି ତନ୍ତୁ ସହ ମିଶାଇ ବିଭିନ୍ନ ତନ୍ତୁଜାତ ହସ୍ତକଳା ପ୍ରସ୍ତୁତ କରିବାରେ ସୁବିଧା ହେଉଥିଲା । ହସ୍ତକଳା ତିଆରି ପାଇଁ ଏହିସବୁ ତନ୍ତୁ ଗୁଡିକୁ ସହଜରେ ଭାଙ୍ଗି ଓ ଗୁଡେଇ ହେଉଥିଲା ଏବଂ ଉନ୍ନତ ମାନର କାଗଜ ତିଆରି ପାଇଁ ମଧ ଏସବୁ ବ୍ୟବହୃତ ହେଉଥିଲା । ଶୁଖିଲା ଘାସ ଗୁଡିକୁ ମଧ ରିବନ ଭଳି ୫ରୁ ୧୦ ଭାଗ କରି ଚିରି ହେଉଥିଲା ଓ ସେସବୁରେ ବିଭିନ୍ନ ରଙ୍ଗ ଦେଇ ଛନ୍ଦି ବେଣୀ ତିଆରି କରି ମସିଣା ପ୍ରସ୍ତୁତ କରାଯାଉଥିଲା ।



*ଆପୁ ଘାସରୁ ତନ୍ତୁ ବାହାର କରୁଛନ୍ତି ମହିଳାମାନେ*

ଏହି ବେଣୀଗୁଡିକ ବିଭିନ୍ନ ରଙ୍ଗ ଦ୍ୱାରା ସହଜରେ ରଙ୍ଗୀନ କରି ହେଉଥିଲା । ଏହି ସାମଗ୍ରୀ ଗୁଡିକ ତନ୍ତୁରୁ ପ୍ରସ୍ତୁତ ହେଉଥିବାରୁ ଏଗୁଡିକ ପରିବେଶ ସହଣିକ ଥିଲା ଏବଂ ଏହାର ସ୍ୱତନ୍ତ୍ର ପ୍ରାକୃତିକ ସୌନ୍ଦର୍ଯ୍ୟ କଳାପ୍ରେମୀମାନଙ୍କୁ ବିଶେଷ ଆକର୍ଷିତ କରୁଥିଲା । ତେଣୁ ସ୍ଥିର ହେଲା ଯେ ଦଳ ଗୁଡିକ ଦ୍ୱାରା ହସ୍ତକଳା ସାମଗ୍ରୀ ତିଆରି ପାଇଁ ସଂସ୍ଥା ତରଫରୁ ଏହି ସବୁ ତନ୍ତୁ କିଣି ଯୋଗାଇ ଦିଆଯିବ । ତେବେ ଏହି କାମରୁ ସେମାନଙ୍କୁ ସଠିକ ରୋଜଗାର ମିଳିବ କି ନାହିଁ ସେ ସଂପର୍କରେ ମହିଳା ମାନେ ଘୋର ସନ୍ଦେହରେ ଥିଲେ ।

## କାର୍ଯ୍ୟକ୍ରମ ଦିଗରେ ପ୍ରଚେଷ୍ଟା

ଅନେକ ପ୍ରରୋଚନା ପରେ ଆଇ.ଡି.ଏଫ୍ ସଂସ୍ଥା ତରଫରୁ ୧୬ ଜଣ ମହିଳାଙ୍କୁ ଆପୁ ଘାସ ଓ କଦଳୀ ପଟୁଆରୁ ତନ୍ତୁ ବାହାର କରିବା ପାଇଁ ସଂଗଠିତ କରାଗଲା । ସଭ୍ୟାମାନେ ସେମାନଙ୍କର ସଞ୍ଚୟ ଟଙ୍କା ଓ ଅଳ୍ପ କିଛି ଋଣ ସହଯୋଗରେ ଗୋଟିଏ ମେସିନ ତନ୍ତ କିଣିଲେ ।

କିନ୍ତୁ ପ୍ରଥମେ ସେମାନେ ଉତ୍ପାଦନ କରୁଥିବା ଅଧିକାଂଶ ତନ୍ତୁ ନିମ୍ନ ମାନର ହୋଇଥିବାରୁ ଏବଂ ବହୁତ କମ୍ ପରିମାଣରେ ବାହାରୁଥିବାରୁ କାମ କରୁଥିବା ମହିଳା ମାନେ ଓ ଆଇ.ଡି.ଏଫ୍ ସଂସ୍ଥାର କ୍ଷେତ୍ର କର୍ମକର୍ତ୍ତା ମାନେ ନିରୁତ୍ସାହିତ ହୋଇ ପଡିଲେ । ଏଥିରୁ ବହୁତ କମ୍ ବିକ୍ରି ହେଲା ଓ କମ୍ ପଇସା ମିଳିଲା । ଦଳର କେବଳ ୪ଜଣ ସଦସ୍ୟା ଦୈନିକ ୮ ଟଙ୍କା ରୋଜଗାର ପାଇଲେ ଯଦିଓ ସାଧାରଣ ଭାବରେ ଦୈନିକ ମଜୁରି ୨୦ଟଙ୍କା ରହିଥିଲା । ଗାଁ ଆଖପାଖରେ କଦଳୀ ପଟୁଆ ମିଳୁ ନଥିଲା । ସେମାନଙ୍କୁ ଏଥିପାଇଁ ୧୦ରୁ ୧୫ କିଲୋମିଟର ଦୂର ଜଳସେଚିତ ଅଞ୍ଚଳଗୁଡିକୁ ଯିବାକୁ ପଡୁଥିଲା । ସାମଗ୍ରୀ ପ୍ରସ୍ତୁତିର ଏକ ସାଧାରଣ କାମ ତନ୍ତୁ ବାହାର କରିବା ପ୍ରକ୍ରିୟାକୁ ଭଲ ଭାବେ ହାସଲ କରିବା ପାଇଁ ୯ମାସ ସମୟ ଲାଗିଗଲା ।

## ଆକର୍ଷଣୀୟ ସାମଗ୍ରୀ ପ୍ରସ୍ତୁତିର ସକ୍ଷମତା

ଆଇ.ଡି.ଏଫ୍ ସଂସ୍ଥା ଦ୍ୱାରା ହୋଇଥିବା ଅଧ୍ୟୟନରୁ ଜଣାପଡେ ଯେ, ପ୍ରାକୃତିକ ତନ୍ତୁଜାତ ନିତ୍ୟ ବ୍ୟବହାର୍ଯ୍ୟ ଓ ସାଜସଜ୍ଜା ସାମଗ୍ରୀର ବଡବଡ ସହର ଗୁଡିକରେ ବହୁତ ଚାହିଦା ରହିଛି । ତେଣୁ ଏହାର ପ୍ରସ୍ତୁତି ପାଇଁ ଗ୍ରାମ୍ୟ ମହିଳାମାନଙ୍କୁ ପ୍ରଥମେ ଉତ୍ସାହିତ କରାଯିବା ଆବଶ୍ୟକ ଥିଲା । ଏଥିସହ ବଜାର ଉପଯୋଗୀ ଆକର୍ଷଣୀୟ ସାମଗ୍ରୀ ମାନ ପ୍ରସ୍ତୁତି ଦିଗରେ ପର୍ଯ୍ୟାପ୍ତ କ୍ରମିକ ତାଲିମ ଦିଆଯିବା ଆବଶ୍ୟକ ଥିଲା । ଆଇ.ଡି.ଏଫ୍ ସଂସ୍ଥା ତରଫରୁ ମହିଳା ମାନଙ୍କୁ ବୁଣାବୁଣି ବିଷୟରେ ତାଲିମ ଦେବା ପାଇଁ ପାଣ୍ଡୁରଙ୍ଗ ବାଲି ନାମକ ଜଣେ ତାଲିମପ୍ରାପ୍ତ ବୁଣାକାରଙ୍କୁ ନିଯୁକ୍ତ କରାଗଲା । ନୂଆ କାମ ଶିଖିବାର ଆଗ୍ରହରେ ଯେଉଁ ମହିଳା ମାନେ ଦଳ ଛାଡି ଚାଲି ଯାଇଥିଲେ ସେମାନେ ପୁଣି ଦଳକୁ ଫେରି ଆସିଲେ । ସେମାନେ ସରକାରୀ ତାଲିମ କେନ୍ଦ୍ରରୁ ଅବ୍ୟବହୃତ ତନ୍ତ ମେସିନ ସବୁ ମାଗି ଆଣିଲେ ଏବଂ ଏହାକୁ ସଜ କରି ବୁଣାବୁଣି ତାଲିମ ନେଲେ ।

ଏହି ମହିଳାମାନଙ୍କର ଆଗରୁ ବୁଣାବୁଣିର କୌଣସି ଅଭିଜ୍ଞତା ନଥିଲା । ସେମାନେ ପ୍ରଥମେ ତିଆରି କରିଥିବା ସାମଗ୍ରୀ ଗୁଡିକ ଅତି ସାଧାରଣ ମାନର ହୋଇଥିଲେ ମଧ ଏହା ସେମାନଙ୍କ ମନୋବଳ ବୃଦ୍ଧିରେ ବେଶ୍ ସହାୟକ ହୋଇପାରିଲା । ସେମାନେ ଚେଷ୍ଟା କଲେ ଏହା ଠିକ ଭାବରେ କରି ପାରିବେ ଓ ସେମାନଙ୍କର ରୋଜଗାର ବୃଦ୍ଧି ହୋଇପାରିବ ବୋଲି ସେମାନଙ୍କର ସାହସ ଆସିଲା । ସେମାନଙ୍କ ମଧରୁ ଅଧିକାଂଶ ଦଳିତ ବର୍ଗର ହୋଇଥିବାରୁ ନୂଆ କାରୀଗରୀ କୌଶଳ ଶିଖିବା ଓ ତନ୍ତଟିଏ ରଖି କାମ କରିବା ସେମାନଙ୍କ ପାଇଁ ସାମାଜିକ ପ୍ରତିଷ୍ଠା ଓ ସମ୍ମାନର ବିଷୟ ଥିଲା । ସେମାନେ ଜଣେ ସାଧାରଣ ମୂଲିଆ ଅପେକ୍ଷା ଜଣେ କୁଶଳୀ କାରୀଗର ହୋଇ ପାରିଥିବାରୁ ଗର୍ବ ମଧ ଅନୁଭବ କରୁଥିଲେ ।

## ବ୍ୟାଙ୍କର ଆସ୍ଥା

ଏହି ମହିଳାମାନଙ୍କର ଉତ୍ସାହକୁ ଲକ୍ଷ୍ୟ କରି ୨୦୦୪ ମସିହାରେ ଚିତ୍ରଦୁର୍ଗର ଗ୍ରାମୀଣ ବ୍ୟାଙ୍କ ୨.୫ ଲକ୍ଷର ରିହାତି ଋଣ ଏହି ଦଳକୁ ପ୍ରଦାନ କଲେ । ଏହାପରେ ଦଳର ସଦସ୍ୟାମାନେ ଗାଁର ଗୋଟିଏ ଘର ଭଡାରେ ନେଲେ । ତେବେ ପ୍ରଥମ ବର୍ଷରେ ଦଳ ମାତ୍ର ୨୫ ହଜାର ଟଙ୍କା ଆୟ କରି ପାରିଥିଲା । ଏହାପରେ ଦଳର କାର୍ଯ୍ୟଧାରାକୁ ଲକ୍ଷ୍ୟ କରି ନାବାର୍ଡ ତରଫରୁ ଏହାକୁ ଉତ୍ସାହିତ କରାଗଲା ।

## ପରିବର୍ତ୍ତନ

ସେମାନଙ୍କର ଉତ୍ପାଦିତ ସାମଗ୍ରୀଗୁଡିକ ସାଧାରଣ ହୋଇଥିବାରୁ ବାଙ୍ଗାଲୋରର ଅଳ୍ପ କିଛି ବ୍ୟବସାୟୀକ ପ୍ରତିଷ୍ଠାନ ତାହାକୁ କିଣୁଥିଲେ । ଆଇ.ଡି.ଏଫ୍. ଚିନ୍ତାକଲା ଯେ, ଗୋଟିଏ ଅଣ ବ୍ୟବସାୟୀ ସଂସ୍ଥା ହିସାବରେ ଏହା ସେମାନଙ୍କୁ ବ୍ୟବସାୟରେ ବିଶେଷ ସାହାଯ୍ୟ କରିପାରିବ ନାହିଁ । ରାଜ୍ୟ ସରକାର ମଧ ଗୋଷ୍ଠୀ ମାଲିକାନାର ବ୍ୟବସାୟ ବ୍ୟବସ୍ଥାକୁ ଆଗକୁ ନେବା ପାଇଁ କୌଣସି ବ୍ୟବସ୍ଥା କରି ପାରିବ ନାହିଁ । ତେଣୁ ଆଇ.ଡି.ଏଫ୍.ତରଫରୁ ଗ୍ରାମ୍ୟ ଗୋଷ୍ଠୀର ସାମଗ୍ରୀକୁ ବଜାର ବ୍ୟବସ୍ଥା କରୁଥିବା ଗ୍ରାମ୍ୟ ସଂସ୍ଥାକୁ ଦାୟୀତ୍ୱ ଦିଆଗଲା ।

ଗ୍ରାମ୍ୟ ତରଫରୁ ଏହି କାରୀଗର ମହିଳାମାନଙ୍କୁ ବିଭିନ୍ନ ଜାତୀୟ ଓ ଆନ୍ତର୍ଜାତୀୟ ବ୍ୟବସାୟିକ ପ୍ରଦର୍ଶନୀ ଗୁଡିକରେ ଭାଗ ନେବା ଓ ସେମାନଙ୍କ ଦ୍ରବ୍ୟ ଗୁଡିକର ପ୍ରଦର୍ଶନୀ ଓ ବିକ୍ରି କରିବାର ସୁଯୋଗ ମିଳିଲା । ସେମାନଙ୍କର ସାମଗ୍ରୀ ଗୁଡିକ ଅଗ୍ରଣୀ ବ୍ୟବସାୟୀକ ପ୍ରତିଷ୍ଠାନ ଫେବ୍ ଇଣ୍ଡିଆର ଦୃଷ୍ଟି ଆକର୍ଷଣ କଲା । ୨୦୦୬ ମସିହାରେ ଫେବ୍ ଇଣ୍ଡିଆ ତରଫରୁ ଦଳକୁ ୫ଲକ୍ଷ ଟଙ୍କାର ସାମଗ୍ରୀ କିଣିବା ପାଇଁ ଅଗ୍ରୀମ ଦିଆଯିବାରୁ ସେମାନଙ୍କ ଉତ୍ସାହ ବହୁଗୁଣରେ ବୃଦ୍ଧି ପାଇଲା ।

## ପ୍ରାକୃତିକ ତନ୍ତୁ ସମବାୟର ସୃଷ୍ଟି

ଲାକ୍କାଭାନାହାଲି ପ୍ରାକୃତିକ ତନ୍ତୁ ସମବାୟର ପ୍ରାଣକେନ୍ଦ୍ର ହୋଇ ଗଲା । ଆଇ.ଡି.ଏଫ୍. ଓ ଗ୍ରାମ୍ୟ ସଂସ୍ଥାର ସହଯୋଗ ଓ ବ୍ୟବସାୟୀକ ସଂପର୍କ ଯୋଗୁଁ ଏହା ଗଣମାଧମ ଗୁଡିକର ଦୃଷ୍ଟି ଆକର୍ଷଣ କଲା । ଫଳରେ ଏଠାକୁ ବିଭିନ୍ନ ସଂସ୍ଥା, ବ୍ୟାଙ୍କ ପ୍ରତିନିଧି, ଜିଲ୍ଲା ତଥା ରାଜ୍ୟ ବାହାରର ବହୁ ପରିଦର୍ଶକ ପରିଦର୍ଶନରେ ଆସିଲେ । ଏଥିରୁ ସହରର ବ୍ୟବସାୟୀକ ପ୍ରତିଷ୍ଠାନ ଓ ଲୋକମାନଙ୍କ ସହ ସଂପର୍କ ସ୍ଥାପନ ସହ ନିୟମିତ କାମ, ଅଧିକ ରୋଜଗାର ଓ ସାମାଜିକ ପ୍ରତିଷ୍ଠା ପାଇବା ଯୋଗୁଁ ଅଧିକରୁ ଅଧିକ ମହିଳା ଓ ଗ୍ରାମବାସୀ ଏହି ସମବାୟରେ ଯୋଗ ଦେଲେ । ଇଣ୍ଡସ୍ କର୍ପ ବୃତ୍ତିଧାରୀ ଜଣେ ଯୁବ ଆମେରିକୀୟ ଯୁବତୀ ଲିଣ୍ଡା ମାନି ଏହି ମହିଳା ମାନଙ୍କ ସହ ଏକ ବର୍ଷ ରହି ସେମାନଙ୍କ ଉଦ୍ୟୋଗର କ୍ରମ ବିକାଶ ସଂପର୍କରେ ଅଧ୍ୟୟନ କରିବା ସହ ସେମାନଙ୍କୁ ଏକ ଦୀର୍ଘସ୍ଥାୟୀ ଲକ୍ଷ୍ୟ ନିର୍ଦ୍ଧାରଣରେ ସହାୟତା କଲେ ।

## ଆକର୍ଷଣୀୟ ସାମଗ୍ରୀ ପ୍ରସ୍ତୁତି ଦିଗରେ ଅଧିକ ପ୍ରଚେଷ୍ଟା

ମହିଳାମାନଙ୍କୁ କାରୀଗରି କୌଶଳରେ ଅଧିକ ନିପୁଣ କରିବା ପାଇଁ ଗାଁ ସ୍ତରରେ ବିଭିନ୍ନ ତାଲିମ ପ୍ରଦାନ କରାଗଲା । ମହିଳାମାନଙ୍କ ଦକ୍ଷତା ବୃଦ୍ଧି ଓ ବିଭିନ୍ନ ତାଲିମ, ପ୍ରଶିକ୍ଷଣ ଆଦି ପାଇଁ ଭାରତ ସରକାରଙ୍କ ଆମ୍ବେଦକର ହସ୍ତଶିଳ୍ପ ଯୋଜନା ଏବଂ ନାବାର୍ଡର ଆଞ୍ଚଳିକ ଉନ୍ନୟନ ଯୋଜନାରୁ ଆର୍ଥିକ ସହାୟତା ମିଳିଲା । ବଜାର ଜ୍ଞାନ, ପରିବେଶ, ଓ ସ୍ଥାନୀୟ ଲୋକକଳା ସଂପର୍କରେ ଜ୍ଞାନ ଥିବା କାରୀଗରମାନଙ୍କୁ ସୁଯୋଗ ଦିଆଯିବା ଦ୍ୱାରା ବିଭିନ୍ନ ଆକର୍ଷଣୀୟ ଓ ପସନ୍ଦପୂର୍ଣ୍ଣ ସାମଗ୍ରୀ ମାନ ପ୍ରସ୍ତୁତ କରାଯାଇ ପାରିଲା ।

ଏହି କାର୍ଯ୍ୟକ୍ରମ ସହ ନିବିଡ ଭାବରେ ଜଡିତ ଇଂଲଣ୍ଡ ଫେରନ୍ତା ସବିତା ପାରିଖି କହନ୍ତି ଯେ - "ଏହି ପ୍ରାକୃତିକ ତନ୍ତୁର ସୌନ୍ଦର୍ଯ୍ୟ ଓ କୋମଳତାରେ ମୁଁ ଏକଦମ୍ ମୁଗ୍ଧ ହୋଇଗଲି । ସେଗୁଡିକ ଗ୍ରାମ ପରିବେଶରେ ଉପଲବ୍ଧ, ପରିବେଶ ସହଣୀକ ପୁଣି ସମୟୋପଯୋଗୀ । ଏଥିସହ ଏସବୁ ସୁସ୍ଥ ଜୀବନଜୀବିକା ପାଇଁ ସଂଘର୍ଷରତ ଦଳିତ ମହିଳାମାନଙ୍କ ଦ୍ୱାରା ଉତ୍ପାଦିତ ହେଉଛି । ମୁଁ ଏହି ମହିଳା ମାନଙ୍କୁ ଏକ ଆଦିବାସୀ ପ୍ରଦର୍ଶନୀ ମେଳାରେ ଭେଟିଥିଲି ଏବଂ ଆକର୍ଷଣୀୟ କାରୀଗରି କୌଶଳ ଓ ବ୍ୟବସାୟିକ ଯୋଗାଯୋଗ ଜରିଆରେ ସେମାନଙ୍କ ଉଦ୍ୟୋଗକୁ ସହଯୋଗ କରିବି ବୋଲି ନିଷ୍ପତ୍ତି ନେଲି ।"

## ବ୍ୟବସାୟିକ ପ୍ରସାର

ବର୍ତ୍ତମାନ ଏହି ସାମଗ୍ରୀଗୁଡିକ ସାଧାରଣ ଦଉଡିରୁ ବିଭିନ୍ନ ଧରଣର ଆକର୍ଷଣୀୟ ହସ୍ତକଳା ଯଥା କାରୁକାର୍ଯ୍ୟପୂର୍ଣ୍ଣ ପଛି, ଝରକା ପରଦା, ଯୋଗ କରିବା ଆସନ, ଫାଇଲ୍, ଫୋଲ୍ଡର୍, ଟେବୁଲ ଉପରେ ପକାଇବା ଚଉପଡି, ଭୋଜନ ଟେବୁଲ ଉପରେ ପକାଇବା ଚଟେଇ, ତକିଆଖୋଳ, ଶେଜ ଖୋଳ, ବତୀ ଷ୍ଟାଣ୍ଡ ଆଦି ସ୍ତରରେ ପହଞ୍ଚିଛି । ଏହି କାର୍ଯ୍ୟର ବିଭିନ୍ନ ସ୍ତରରେ ୧୫୨ଜଣ ମହିଳା କାର୍ଯ୍ୟରତ ଅଛନ୍ତି । ୨୫ଟି ତନ୍ତରେ ୭୨ ଜଣ ମହିଳା କାମ କରୁଛନ୍ତି । ୨୦୦୮ ମସିହା ସୁଦ୍ଧା ଏହି ଉଦ୍ୟୋଗର ବ୍ୟବସାୟ ୩୦ ଲକ୍ଷ ଟଙ୍କାରେ ପହଞ୍ଚିଛି ।

ସମବାୟର ସମସ୍ତ ସଭ୍ୟାମାନେ ବର୍ତ୍ତମାନ ଫାବ୍ ଇଣ୍ଡିଆର ନିୟନ୍ତ୍ରିତ ଏକ ସଂସ୍ଥା ଡେକାନ୍ କ୍ରାଫ୍ଟସ୍ ଏଣ୍ଡ ଉଇଭର୍ସ ପ୍ରାଃ.ଲି.ର ଅଂଶୀଦାର ହୋଇ ପାରିଛନ୍ତି । ସମସ୍ତଙ୍କର ଜୀବନ ବୀମା ମଧ୍ୟ ହୋଇଛି । ମହିଳାମାନଙ୍କୁ ସେମାନଙ୍କର କାମକରିବା ଘର, କାର୍ଯ୍ୟାଳୟ ଓ ତାଲିମ ଆଦି ପାଇଁ ଆଇ.ଡି.ଏଫ୍ ଆର୍ଥିକ ସେବା ତରଫରୁ ଆବଶ୍ୟକୀୟ କ୍ଷୁଦ୍ର ଋଣ ସାହାଯ୍ୟ ଯୋଗାଇ ଦିଆଯାଉଛି । ଆଇ.ଡି.ଏଫ୍ ଓ ମହିଳାମାନଙ୍କ ସହଯୋଗରେ ସେଠାରେ ସୌର ବତୀଟିଏ ମଧ୍ୟ ଲଗାଯାଇଛି ।




## କୃଷି ଉପରେ ପ୍ରଭାବ

ଏହିକାମ ଗାଁ ଲୋକମାନଙ୍କ କୃଷି ବ୍ୟବସ୍ଥା ଉପରେ କୌଣସି ପ୍ରତିକୂଳ ପ୍ରଭାବ ପକାଉନାହିଁ । ଚାଷ ସେମାନଙ୍କର ସାମାଜିକ ଆର୍ଥିକ ଚଳଣୀର ଏକ ଅଂଶ ହୋଇଥିବାରୁ ଏବେ ମଧ୍ୟ ଅନେକ ମହିଳା ବୁଣାବୁଣି ଓ ଅମଳ ସମୟରେ କୃଷିକ୍ଷେତ୍ରରେ କାମ କରୁଛନ୍ତି । ନୂଆ ରୋଜଗାର ବ୍ୟବସ୍ଥା କେବଳ ମହିଳାମାନଙ୍କର ଆର୍ଥିକ ଶକ୍ତି ବୃଦ୍ଧି କରିନାହିଁ, ଏହା ସେମାନଙ୍କର ସାମାଜିକ ସମ୍ମାନ ମଧ୍ୟ ବୃଦ୍ଧି କରିଛି ଯଦ୍ୱାରା ଏହା ସ୍ଥାନୀୟ କୃଷି ଅର୍ଥନିତୀ ଓ ଆନୁସଙ୍ଗିକ କୃଷି ବ୍ୟବସ୍ଥାକୁ ମଧ୍ୟ ପ୍ରଭାବିତ କରିଛି । କଦଳୀ ଚାଷୀମାନେ ସେମାନଙ୍କର କଦଳୀ ପଟୁଆ ସବୁକୁ ଆଉ ବିନାମୂଲ୍ୟରେ ବିକ୍ରି କରୁ ନାହାନ୍ତି । ମହିଳାମାନଙ୍କୁ ସେସବୁ କିଣିବାକୁ ପଡୁଛି । ସେଥିରୁ ତନ୍ତୁ ବାହାର କରାଯିବା ପରେ ଅବଶିଷ୍ଟ ବର୍ଜ୍ୟ ଜିନିଷଗୁଡିକ ଜିଆଖତ ପାଇଁ ବ୍ୟବହୃତ ହେଉଛି । ସମବାୟର ବିକାଶ ଯୋଗୁଁ ଗାଁ ଗୁଡିକର ଯୁବକମାନେ ଅଟୋରିକ୍ସା ଚଳାଇବା, ଟେଲିଫୋନ୍ ବୁଥ୍ କରିବା ଏବଂ ଛୋଟକାଟିଆ ଦୋକାନ ଆଦି କରିବା ପାଇଁ ବ୍ୟବସାୟୀକ ସୁଯୋଗ ପାଇଛନ୍ତି ।

## ଆଗକୁଥିବା ଆଶଙ୍କା ଓ ଆହ୍ୱାନ ସବୁ

ଗରୀବ ମହିଳା ମାନଙ୍କୁ ନେଇ ସ୍ଥାୟୀ ଜୀବିକା ସଂସ୍ଥାନର ଏହି ଯାତ୍ରାପଥରେ ଅନେକ ବାଧାବିଘ୍ନ ଓ ଆହ୍ୱାନ ଥିବା ବିଷୟରେ ଆଇ.ଡି.ଏଫ୍ ଓ ଗ୍ରାମ୍ୟ ସଂସ୍ଥା ସଂପୂର୍ଣ୍ଣ ରୂପେ ଅବଗତ ଅଛନ୍ତି । ବିଶେଷ କରି ଦଳଗତ ଉଦ୍ୟୋଗ ଓ ଗୋଷ୍ଠୀଗତ ମାଲିକାନା ଭିତରେ ଉନ୍ନତ ମାନର ବଜାରଉପଯୋଗୀ ସାମଗ୍ରୀ ପ୍ରସ୍ତୁତି, ଦୂରଦୂରାନ୍ତ ବଜାରରେ ବିକ୍ରିର ବ୍ୟବସ୍ଥା, ଆର୍ଥିକ ବନ୍ଦୋବସ୍ତ ଆଦି ଔଦ୍ୟୋଗିକ କାର୍ଯ୍ୟ ପରିଚାଳନା କରିବା ଏକ ମସ୍ତବଡ ଆହ୍ୱାନ । ଏହି ଉଦ୍ୟୋଗର ବିଭିନ୍ନ ସ୍ତରରେ କାର୍ଯ୍ୟ କରିବା ପାଇଁ କୁଶଳୀ ଲୋକମାନଙ୍କର ଆବଶ୍ୟକତା ରହିଛି । ତା' ସହିତ ସେଠାରେ ପ୍ରଚଳିତ ଶୁଷ୍କାଞ୍ଚଳ ଚାଷ ସଂସ୍କୃତିକୁ ଶ୍ରମିକ ନିଅଣ୍ଟ ଜନିତ କ୍ଷତି ନପହଞ୍ଚାଇ ସମୟ ଓ ସୁବିଧା ମୁତାବକ ଏହି ସାମଗ୍ରୀ ପ୍ରସ୍ତୁତି କାର୍ଯ୍ୟ କରିବାକୁ ହେବ । ଏହି କାର୍ଯ୍ୟକ୍ରମର ସଫଳତା ଓ ଗରୀବ ମହିଳାମାନଙ୍କର ଲାଭରୁ ଫାଇଦା ହାସଲ କରିବା ପାଇଁ ଖଳ ପ୍ରକୃତିର ରାଜନୈତିକ ଲୋକମାନେ ନେତୃତ୍ୱ ନେବାକୁ ବାହାରିବେ । ଏହାକୁ ପ୍ରତିହତ କରିବା ପାଇଁ ଗୋଷ୍ଠୀ ମାଲିକାନାକୁ ଅଧିକ ଦୃଢ କରାଯିବା ଆବଶ୍ୟକ ।

*ଉତ୍ସ -ଲେଇସା ଇଣ୍ଡିଆ, ବର୍ଷ- ୯, ସଂଖ୍ୟା-୨, ଜୁନ୍ ୨୦୦୯*

**ଶ୍ରୀକାନ୍ତ ସେନୟ ଟିଭି**

ପରିଚାଳନା ପରିଷଦ ସଦସ୍ୟ, ଆଇ.ଡି.ଏଫ୍
୧୪୧/ଏ, ଉଷା, ୨୫ କ୍ରସ, ୨ୟ ମହଲା
ରାଜାଜୀ ନଗର, ବେଙ୍ଗାଲୁରୁ – ୫୬୦୦୧୦,କର୍ଣ୍ଣାଟକ
www.idfdevelopment.org
Email: srikantha.shenoy@gmail.com

# ପ୍ରାକୃତିକ ପର୍ଯ୍ୟଟନ - ଏକ ବିକାଶୋନ୍ମୁଖୀ ଗ୍ରାମୀଣ ଉଦ୍ୟୋଗ

**ଇନିର ପିନହେଇରୋ**

ଅଧିକାଂଶ ଗ୍ରାମାଞ୍ଚଳରେ କୃଷିକାର୍ଯ୍ୟ ଗ୍ରାମବାସୀମାନଙ୍କୁ ବର୍ଷକରୁ ୮ ମାସ କର୍ମନିଯୁକ୍ତି ଦେଇଥାଏ । କିନ୍ତୁ ଚାଷରୁ ରୋଜଗାର କମ୍ ହେଉଥିବାରୁ ନିଜର ଶିକ୍ଷା, ସ୍ୱାସ୍ଥ୍ୟ ଓ ପର୍ବପର୍ବାଣୀ ଆଦିର ଖର୍ଚ୍ଚ ତୁଲାଇବା ପାଇଁ ସେମାନଙ୍କୁ ଅତିରିକ୍ତ ଆୟର ଆବଶ୍ୟକତା ପଡିଥାଏ । ଏହି ଅତିରିକ୍ତ ଆୟର ଆବଶ୍ୟକତା ମେଣ୍ଟାଇବା ପାଇଁ ଗ୍ରାମ୍ୟ ଗୋଷ୍ଠୀ ଗୁଡିକ ବିଭିନ୍ନ ବୃତ୍ତି ବ୍ୟବସାୟ କରିଥାନ୍ତି । ତେବେ ଏହିସବୁ କାମ ଏବେ ପ୍ରାକୃତିକ ସଂବଳର ଧ୍ୱଂସ ସାଧନ କରିବା ସହ, ଦାଦନ ଓ ଦେଶାନ୍ତରୀ ସମସ୍ୟା, ଲୋକ ସଂସ୍କୃତି, ପରଂପରା ଓ ଜୀବନଶୈଳୀର ଅବକ୍ଷୟ କରୁଛି । ଏହାର ମୂଳ କାରଣ ହେଉଛି ଲୋକମାନଙ୍କର ନିଜ ସ୍ଥାନରେ ସୁଯୋଗର ଅଭାବ ।

ଗ୍ରାସ୍‌ରୁଟସ୍ ଏକ ସାମାଜିକ ଅନୁଷ୍ଠାନ ଯାହା ସାରା ଭାରତରେ ୨୦୦ରୁ ଅଧିକ ଗାଁରେ ଗ୍ରାମ୍ୟ ପର୍ଯ୍ୟଟନ ସ୍ଥଳୀ ଗୁଡିକର ଗୋଷ୍ଠୀ ମାଲିକାନା, ପରିଚାଳନା ଓ ଉନ୍ନତିକରଣ ଦିଗରେ ସଫଳତାର ସହ କାମ କରିଛି । ଗ୍ରାସ୍‌ରୁଟସ୍‌ର ଅନୁଷ୍ଠାନର ଦର୍ଶନ ହେଉଛି ସଫଳ ଗ୍ରାମ୍ୟ ପର୍ଯ୍ୟଟନ ସ୍ଥାୟୀ ରୋଜଗାର ବ୍ୟବସ୍ଥା ସୃଷ୍ଟି କରିଥାଏ, ଯାହାକି ସରକାର ମଧ ସ୍ୱୀକାର କରଛନ୍ତି । ଗତ ତିନିବର୍ଷ ଧରି ଗ୍ରାସ୍‌ରୁଟସ୍ ମହାରାଷ୍ଟ୍ରର ପୁରୁଷବାଡି ଓ କୋହାନେ ଗାଁର ଆଦିବାସୀ ଲୋକମାନଙ୍କ ସହ ଗ୍ରାମ୍ୟ ପର୍ଯ୍ୟଟନ ପରିଚାଳନା ଦିଗରେ କାର୍ଯ୍ୟକରି ଆସୁଛି ଯାହାକି ବିଶେଷ ଫଳପ୍ରଦ ହୋଇପାରିଛି ।

## ଗ୍ରାସ୍‌ରୁଟସ୍ ଅନୁଷ୍ଠାନର ମଡେଲ :

- ଗ୍ରାମସ୍ତରୀୟ ଆଲୋଚନା ମାଧମରେ ଉପଯୁକ୍ତ ସ୍ଥାନ ଚିହ୍ନଟ
- ଗ୍ରାମବାସୀଙ୍କୁ ବିଭିନ୍ନ ସ୍ଥାନ ପରିଭ୍ରମଣରେ ନେବା ସହ ପ୍ରଶିକ୍ଷଣ ଦେବା
- ପ୍ରାଥମିକ ଭାବେ ମହିଳା ଓ ଯୁବକ ମାନଙ୍କୁ ସାମିଲ କରିବା । ମହିଳା ମାନଙ୍କୁ ରୋଷେଇ କାମ ଏବଂ ଯୁବକ ମାନଙ୍କୁ ସହାୟକ ଓ ତତ୍ତ୍ୱାବଧାନ କାମରେ ତାଲିମ ଦେବା ।
- ପର୍ଯ୍ୟଟକ ମାନଙ୍କ ରହଣୀ ପାଇଁ ବିଭିନ୍ନ ନିର୍ମାଣ କାର୍ଯ୍ୟ କରିବା ।
- ଗ୍ରାମ୍ୟ ପର୍ଯ୍ୟଟନ କମିଟି ଗଠନ ଓ ଗାଁରେ ପର୍ଯ୍ୟଟନ ସଂପର୍କରେ ସେମାନଙ୍କୁ ତାଲିମ ଦେବା ।
- ପର୍ଯ୍ୟଟକ ମାନଙ୍କ ପାଇଁ ଉଚ୍ଚମାନର ଆତିଥ୍ୟ ନିମନ୍ତେ ତଦାରଖ ବ୍ୟବସ୍ଥା ।

ଗାଁକୁ ଏକ ପର୍ଯ୍ୟଟନ ସ୍ଥଳୀ ହିସାବରେ ବିକାଶ କରିବା, ଗାଁରେ ପର୍ଯ୍ୟଟନ ସାମଗ୍ରୀ ଉତ୍ପାଦନ ଓ ବିକ୍ରିର ବ୍ୟବସ୍ଥା କରିବା, ପର୍ଯ୍ୟଟନ ମାନରେ ଉନ୍ନତୀ କରିବା ପାଇଁ ମୂଳତଃ ଗ୍ରାସ୍‌ରୁଟସ୍ କାର୍ଯ୍ୟକରି ଆସୁଛି ।



ପୁରୁଷବାଡି ଓ କୋହାନେ ଗାଁ ଗ୍ରାମ୍ୟ ପର୍ଯ୍ୟଟନ ସ୍ଥଳୀ ରୂପେ ବିକଶିତ ହୋଇ ପାରିଛି । କୋହାନେ ଗାଁରେ ୧୫୦ ପରିବାର ଓ ପୁରୁଷବାଡି ଗାଁରେ ୧୦୯ଟି ପରିବାର ବସବାସ କରିଥାନ୍ତି । ଏମାନଙ୍କ ମଧରୁ କୋହାନେ ଗାଁରେ ୧୫ଟି ପରିବାର ଓ ପୁରୁଷବାଡି ଗାଁରେ ୫୦ଟି ପରିବାର ପର୍ଯ୍ୟଟନ ସହ ସଂପୃକ୍ତ ।

## ପ୍ରକ୍ରିୟା

କେତେକ ବିଶେଷ ସୁବିଧା ସୁଯୋଗକୁ ଲକ୍ଷ୍ୟ କରି ଏହି ଦୁଇ ଗାଁକୁ ପର୍ଯ୍ୟଟନସ୍ଥଳୀ ହିସାବରେ ମନୋନୀତ କରାଯିବା ପରେ ଗାଁରେ ଥରକୁ ଥର ବୈଠକ ମାନ ଆୟୋଜନ କରାଗଲା । ୨-୩ ମାସର ପ୍ରଶିକ୍ଷଣ ପରେ ଗାଁ ଲୋକେ ଗ୍ରାସ୍‌ରୁଟସ୍ ସହାୟତାରେ ଏହି କାମ କରିବେ ବୋଲି ନିଷ୍ପତ୍ତି ନେଲେ ।

ଗାଁଟିକୁ ଏକ ପର୍ଯ୍ୟଟନ ସ୍ଥଳୀ ଭାବରେ ବିକାଶ କରିବା ପାଇଁ ପ୍ରଥମେ ଗାଁ ଲୋକଙ୍କ ଜୀବନଶୈଳୀର ସ୍ୱତନ୍ତ୍ରତା ଗୁଡିକୁ ଲିପିବଦ୍ଧ କରାଯାଇ ପ୍ରଦର୍ଶିତ କରାଗଲା । ଗ୍ରାମବାସୀ ମାନଙ୍କ ଠାରୁ ସମ୍ମତି ମିଳିବା ପରେ ନିର୍ମାଣ କାର୍ଯ୍ୟ, ପ୍ରଶିକ୍ଷଣ ଏବଂ ସାଂଗଠନିକ କାର୍ଯ୍ୟକ୍ରମ ଗୁଡିକ ଆରମ୍ଭ କରାଗଲା । ପୁରୁଷବାଡି ଓ କୋହାନେ ଗାଁର ୬୫ଟି ପରିବାରଙ୍କୁ ସହାୟକ, ତତ୍ତ୍ୱାବଧାରକ ଓ ରୋଷେୟା ହିସାବରେ ତାଲିମ ଦିଆଗଲା । କେତେକ ତାଲିମ କାର୍ଯ୍ୟ ବିଶେଷଜ୍ଞ ପ୍ରଶିକ୍ଷକ ମାନଙ୍କ ଦ୍ୱାରା କରାଯିବା ବେଳେ ଆଉ କେତେକ ଅନୁଷ୍ଠାନର କର୍ମୀ ମାନଙ୍କ ଦ୍ୱାରା କରାଗଲା ।

ପର୍ଯ୍ୟଟକ ମାନଙ୍କ ରହଣି ପାଇଁ ତମ୍ବୁ ଓ ଗାଁର ଖୋଲା ଘର ଗୁଡିକରେ ବ୍ୟବସ୍ଥା କରାଗଲା । ରହଣି ସ୍ଥାନରେ ପରିଷ୍କାର ବିଛଣା, ଚାଦର, ଚେୟାର, ପାନୀୟ ଜଳ ପାତ୍ର ଓ ଅଳିଆ ପାତ୍ର ମାନ ରଖାଗଲା । ଗାଧୁଆଘର ଓ ପାଇଖାନା ତିଆରି କରାଗଲା । ସୌରବତୀ ସାହାଯ୍ୟରେ ଆଲୋକର ବ୍ୟବସ୍ଥା କରାଗଲା । ପର୍ଯ୍ୟଟନ ବ୍ୟବସ୍ଥାର ତତ୍ତ୍ୱାବଧାନ ଓ ତଦାରଖ ପାଇଁ ଗାଁର ବିଭିନ୍ନ ଲୋକଙ୍କୁ ନେଇ ଗୋଟିଏ ପର୍ଯ୍ୟଟନ କମିଟି ମଧ ଗଢାଗଲା ।

## ମହିଳା ମାନଙ୍କ ଭୂମିକା

ମହିଳାମାନେ ବିଭିନ୍ନ ପାରଂପରିକ ଓ ଋତୁକାଳୀନ ଖାଦ୍ୟ ରାନ୍ଧିଥାନ୍ତି । ଏସବୁ ଖାଦ୍ୟ ପାରଂପରିକ ଚୁଲିରେ ପ୍ରସ୍ତୁତ ହୋଇଥାଏ । ଏହି ଖାଦ୍ୟରେ ବାଜରା, ଜହ୍ନା, ଚାଉଳ, ଗହମ ବା ନାଚନି ଚୂନାରେ ତିଆରି ରୋଟି, ଡ଼ାଲି, ଭାତ, ମିଳୁଥିବା ପରିବା ତରକାରୀ, ଆଚାର ଓ ପିଆଜ ରହିଥାଏ । ରୋଷେଇ ଦାୟିତ୍ୱ ନେଇଥିବା ମହିଳାମାନେ କେମିତି ତିଆରି କରିବେ, କ'ଣ ତିଆରି କରିବେ ଓ କେମିତି ପରଷିବେ ଆଦି ଅନେକ ଦ୍ୱନ୍ଦ୍ୱର ସମ୍ମୁଖୀନ ହୋଇଥାନ୍ତି । ତେବେ ପର୍ଯ୍ୟଟକମାନଙ୍କର ମତାମତ ଓ ମହିଳା ମାନଙ୍କ ମଧ୍ୟରେ ରନ୍ଧନ ଜ୍ଞାନର ଆଲୋଚନା ମାଧ୍ୟମରେ ଏଥିରେ ଉନ୍ନତୀ ଅଣାଯାଉଛି ।

ପର୍ଯ୍ୟଟକମାନଙ୍କ ସହ ଆଲୋଚନା କରି ମହିଳାମାନେ ସେମାନଙ୍କର ପସନ୍ଦ ଓ ସ୍ୱାଦ ସଂପର୍କରେ ଅଭିଜ୍ଞତା ହାସଲ କରିଛନ୍ତି ଏବଂ ଖାଦ୍ୟ ପ୍ରସ୍ତୁତି ଓ ଖାଦ୍ୟ ପରିବେଷଣରେ ଅନେକ ଉନ୍ନତୀ ଆଣି ପାରିଛନ୍ତି । ସେମାନେ ବିଶେଷ ମସଲାଯୁକ୍ତ ଖାଦ୍ୟ ପ୍ରସ୍ତୁତ କରନ୍ତି ନାହିଁ । ସେମାନେ ବିନା ଚିନିରେ ଚା' ପ୍ରସ୍ତୁତ କରି ବ୍ୟବହାର ପାଇଁ ଅଲଗା ପାତ୍ରରେ ଚିନି ଦେଇଥାନ୍ତି । ସେମାନେ ଜାଣିପାରିଛନ୍ତି ଯେ, ସହରୀ ଲୋକମାନେ ଗାଁ ଲୋକମାନଙ୍କ ତୁଳନାରେ କମ୍ ପରିମାଣର ଖାଦ୍ୟ ଖାଇଥାନ୍ତି । ତେଣୁ ସେମାନେ ସେହି ହିସାବରେ ଖାଦ୍ୟ ପ୍ରସ୍ତୁତ କରନ୍ତି ଏବଂ ନଷ୍ଟ କମ୍ ହେବା ସହ ଲାଭ ଅଧିକ ମିଳେ ।

ପୂର୍ବରୁ ମହିଳାମାନେ ସର୍ବସାଧାରଣ ଚୁଲାରେ ରାନ୍ଧୁଥିଲେ । ପରେ ରାନ୍ଧୁଣିଆର ନିଜ ଘରେ ରାନ୍ଧିବା ଓ ଖାଇବାକୁ ଦେବା ବ୍ୟବସ୍ଥା କରାଗଲା ଯଦ୍ୱାରା ପର୍ଯ୍ୟଟକ ମାନଙ୍କ ଉପରେ ଏହାର ଭଲ ପ୍ରଭାବ ପଡିଲା । ମହିଳାମାନେ ନିଜ ଘରେ ଖାଦ୍ୟ ପ୍ରସ୍ତୁତ କରିବାକୁ ସୁରକ୍ଷିତ ଓ ସହଜ ମନେ କରୁଥିବାରୁ ଏହା ରନ୍ଧନକାରୀ ଏବଂ ପର୍ଯ୍ୟଟକ ମାନଙ୍କୁ ମଧ୍ୟ ଆନନ୍ଦ ଦେଲା ।

ମହିଳାମାନେ ପର୍ଯ୍ୟଟକ ତତ୍ତ୍ୱାବଧାନର ଦାୟିତ୍ୱ ବହନ କରିଥାନ୍ତି । ତତ୍ତ୍ୱାବଧାନର ଏକ ମୁଖ୍ୟ କାମ ହେଲା ଗାଧୁଆ ପାଇଁ ଗରମ ପାଣିର ବ୍ୟବସ୍ଥା କରିବା । ସେମାନେ ନିଜ ଘରେ ପାଣି ଗରମ କରି ପର୍ଯ୍ୟଟକ ରହୁଥିବା ସ୍ଥାନକୁ ବୋହି ଆଣନ୍ତି । ଏହା ଏକ କଷ୍ଟକର କାମ ହୋଇଥିବାରୁ ଗାଁ ଲୋକେ ଏହାର ଏକ ସମାଧାନ ପନ୍ଥା ବାହାର କଲେ । ସେମାନେ ଗୋଟିଏ ବଡ ପାଣି ରଖିବା ପାତ୍ର ପର୍ଯ୍ୟଟକମାନଙ୍କ ରହିବା ସ୍ଥାନ ପାଖରେ ରଖିଲେ । ଗାଁର ଯୁବକମାନଙ୍କୁ ଏହି ପ୍ରକ୍ରିୟାରେ ସାମିଲ କରିବା ପାଇଁ ପର୍ଯ୍ୟଟକ ତତ୍ତ୍ୱାବଧାନର ଦାୟିତ୍ୱ କ୍ରମାଗତଭାବେ ତାଙ୍କୁ ଦିଆଗଲା ।

## ମାନ ନିୟନ୍ତ୍ରଣର ବ୍ୟବସ୍ଥା

ମାନ ନିୟନ୍ତ୍ରଣର ବ୍ୟବସ୍ଥାର ଅର୍ଥ ହେଉଛି ବିଭିନ୍ନ ପର୍ଯ୍ୟଟକ ଦଳ ପାଇଁ ସ୍ୱତନ୍ତ୍ର ପ୍ରକାର ଆତିଥ୍ୟର ବ୍ୟବସ୍ଥା । ଉଚିତ୍ ତତ୍ତ୍ୱାବଧାନ ପର୍ଯ୍ୟଟକଙ୍କୁ ସ୍ଥାନୀୟ କଳାକାରୀଗରି ବିଷୟରେ ଧାରଣା ଦେଇ ବ୍ୟବସାୟ ବୃଦ୍ଧି କରିଥାଏ ଓ ବିଭିନ୍ନ ସଂସ୍କୃତି ମଧ୍ୟରେ ସମନ୍ୱୟ ଆଣିଥାଏ । ମାନ ନିୟନ୍ତ୍ରଣର ବ୍ୟବସ୍ଥାରେ ଖାଦ୍ୟ ବ୍ୟବସ୍ଥା, ତତ୍ତ୍ୱାବଧାନ ଓ ସହାୟକ ମାନଙ୍କୁ ତଦାରଖ କରିବା ପାଇଁ ସ୍ଥାନୀୟ ଯୁବକମାନଙ୍କୁ ତଦାରଖକାରୀ ଭାବରେ ପ୍ରଶିକ୍ଷିତ କରାଯାଇଥାଏ । ଗାଁରେ ଆସିଥିବା ସାମାଜିକ ଓ ସାଂସ୍କୃତିକ ପରିବର୍ତ୍ତନ ସଂପୂର୍ଣ୍ଣ ରୂପେ ଗ୍ରହଣୀୟ ଓ ନିୟନ୍ତ୍ରଣାଧୀନ ବୋଲି ଏହି ତଦାରଖ ବ୍ୟବସ୍ଥାରୁ ଜଣାପଡେ । ଏଥିପାଇଁ ଗାଁର ପର୍ଯ୍ୟଟନ କମିଟି ଓ ବିଭିନ୍ନ ଦାୟିତ୍ୱ ଗ୍ରହଣକାରୀ ମାନଙ୍କ ସହ ମାସିକ ବୈଠକରେ ଆଲୋଚନା କରିବାକୁ ପଡେ । ମାନ ନିୟନ୍ତ୍ରଣ ପାଇଁ ପର୍ଯ୍ୟଟକମାନେ ସେମାନଙ୍କ ମତାମତ ମଧ୍ୟ ଦେଇଥାନ୍ତି ।

### ଜୁଙ୍କାବାଇଙ୍କ କାହାଣୀ

ପୁରୁଷବାଡି ଗାଁର ୨ଜଣ ଭୂମିହୀନ ପରିବାର ମଧ୍ୟରୁ ଜୁଙ୍କାବାଇ ଜଣେ । ସେ ଜଣେ ବିଧବା ମହିଳା ଓ ତାଙ୍କର ୪ଟି ପିଲା । ତାଙ୍କର ମୁଖ୍ୟ ରୋଜଗାର ପନ୍ଥା ହେଲା ବାର୍ଷିକ ୨୦ଟଙ୍କାରେ ଅନ୍ୟ ଗ୍ରାମବାସୀଙ୍କ ଛେଳି ଜଗିବା । ଗୋଷ୍ଠୀ ପରିଚାଳିତ ପର୍ଯ୍ୟଟନରେ ଜିଙ୍କାବାଇଙ୍କୁ ପ୍ରଥମ ମହିଳା ରାନ୍ଧୁଣିଆ ହିସାବରେ ନିଆଗଲା । ଏହି କାମଦ୍ୱାରା ତାଙ୍କର ଏପରି ପରିବର୍ତ୍ତନ ହେଲା ଯେ, ଗାଁ ଲୋକେ ଆଚମ୍ବିତ ହୋଇଗଲେ । ପ୍ରଥମ ଦିନ ପର୍ଯ୍ୟଟକ ମାନଙ୍କୁ ସେ ରନ୍ଧାବଢ଼ା ଓ ଖାଦ୍ୟ ପରିବେଷଣ କଲାବେଳେ ଅତି ଲାଜ କରୁଥିଲେ । ୨ ଦିନ ପରେ ସେ ସେମାନଙ୍କ ସହ କଥାବାର୍ତ୍ତା ଆରମ୍ଭ କରିଦେଲେ ଓ ନିଜ ଜୀବନ କାହାଣୀ ସେମାନଙ୍କ ସହ କଥାହେଲେ । ସବୁଦିନ ମଳିନ ଦିଶୁଥିବା ତାଙ୍କର ପିଲାମାନଙ୍କ ମନରେ ଖୁସିଭାବ ଓ ପରିଷ୍କାର ପରିଛନ୍ନତା ଦେଖାଦେଲା । ଜୁଙ୍କାବାଇ ୧୫ ଦିନ ବାହାର ଗାଁକୁ କାମ କରିବାକୁ ଯାଇ ଯେତିକି ରୋଜଗାର କରିଥାନ୍ତେ ୨ ଦିନ ରୋଷେଇରେ ସେତିକି ରୋଜଗାର କରି ପାରିଥିଲେ ।

## ବ୍ୟବସାୟିକ ବିକାଶ

ପ୍ରତି ଗାଁ ପାଇଁ ବ୍ୟବସାୟୀକ ରୂପରେଖ ପ୍ରସ୍ତୁତ କଲାବେଳେ ଗାଁର ଜୀବନଶୈଳୀ, ରନ୍ଧନଶୈଳୀ, ସଂସ୍କୃତି, ପରମ୍ପରା, ଜ୍ଞାନକୌଶଳ ଓ ଜୈବବିବିଧତାର ସ୍ୱତନ୍ତ୍ରତା ପ୍ରତି ବିଶେଷ ଧ୍ୟାନ ଦେବାକୁ ପଡିଥାଏ ।





*କ୍ଷେତରେ ଚାଷୀ ମାନଙ୍କ ସହ ପର୍ଯ୍ୟଟକମାନେ*

ଗାଁର ବାସ୍ତବିକତା ଓ ଭାବପ୍ରବଣତା ବିଷୟରେ ମଧ ଗାଁର ବିଭିନ୍ନ ବ୍ୟବସାୟିକ ଦଳଗୁଡିକୁ ସଚେତନ କରାଯାଇଥାଏ । ଏହି କାର୍ଯ୍ୟକ୍ରମର ପ୍ରସାରଣ www.grassroutes.co.in ମାଧମରେ କରାଯାଇଥାଏ ।

## ପର୍ଯ୍ୟଟକ ମାନଙ୍କୁ ଆକର୍ଷିତ କରିବା ବ୍ୟବସ୍ଥା –

ଏହି ୨ଟି ଗାଁକୁ ୫୦୦ରୁ ଅଧିକ ପର୍ଯ୍ୟଟକ ପରିଦର୍ଶନ କରି ସାରିଲେଣି । ଏଥିରୁ ୯୫% ପର୍ଯ୍ୟଟକ ମୁମ୍ବାଇ ଓ ପୁନେ ପରି ଘରୋଇ ସହରରୁ ଆସିଛନ୍ତି । ସେମାନଙ୍କ ମଧରେ କର୍ପୋରେଟ ସଂସ୍ଥା, ଯୁବଗୋଷ୍ଠୀ, କଲେଜ ଶିକ୍ଷାର୍ଥୀ ଦଳ ଏବଂ ପରିବାର ଓ ବନ୍ଧୁବର୍ଗ ଆଦି ଆସିଛନ୍ତି । ପର୍ଯ୍ୟଟକମାନେ ଗ୍ରାମ୍ୟ ପରିବେଶକୁ ବେଶ୍ ଉପଭୋଗ କରିପାରିଛନ୍ତି ।

ପର୍ଯ୍ୟଟକମାନଙ୍କୁ ଆକୃଷ୍ଟ କରିବା ପାଇଁ ଗ୍ରାମବାସୀମାନେ ନିମ୍ନଲିଖିତ କାର୍ଯ୍ୟକ୍ରମ ଗୁଡିକ କରିଛନ୍ତି –

- ସ୍ଥାନୀୟ ଜୀବନଶୈଳୀ
- ଦୈନନ୍ଦିନ କାର୍ଯ୍ୟ ଯଥା, କାଠ ହାଣିବା, ରାନ୍ଧିବା ଓ ପାଣି ସଂଗ୍ରହ କରିବା
- ସ୍ଥାନୀୟ ଜୀବିକା ଚାଷବାସ ଓ ପଶୁପାଳନ
- ସ୍ଥାନୀୟ ରନ୍ଧନଶୈଳୀ – ସେହି ଅଞ୍ଚଳରେ ହେଉଥିବା ଜୈବିକ ପନିପରିବାରେ ପାରଂପରିକ ଚୁଲାରେ ରନ୍ଧନ
- ସ୍ଥାନୀୟ ପରିବେଶ – ଭୂମିରୂପ, ପାହାଡ ଚଢ଼ିବା, ପୋଖରୀରେ ପହଁରିବା, ଦର୍ଶନୀୟ ସ୍ଥାନ, ନିଭୃତ ସ୍ଥାନ ସବୁ
- ସ୍ଥାନୀୟ ଐତିହାସିକ, ପ୍ରାକୃତିକ ଓ ଧାର୍ମିକ ସ୍ଥାନ । ସ୍ୱତନ୍ତ୍ର ସ୍ଥାନ ଯେମିତିକି ସ୍ଥାନୀୟ ଲୋକମାନେ ଠାବ କରିଥିବା ଦେଢ ଏକର ଜମିରେ ପରିବ୍ୟାପ୍ତ ଏକ ପୁରୁଣା ବିଶାଳ ବରଗଛ । ସେହିପରି ସ୍ଥାନୀୟ କିମ୍ବଦନ୍ତୀ ଓ ଲୋକକଥାକୁ ନେଇ ଥିବା ସ୍ଥାନ ସମୂହ ।
- ସ୍ଥାନୀୟ ପର୍ବପର୍ବାଣୀ ଓ ଉତ୍ସବ
- ସ୍ଥାନୀୟ ବୃକ୍ଷଲତା ଓ କୀଟପତଙ୍ଗ, ସେଗୁଡିକର ଔଷଧୀୟ ବ୍ୟବହାର

## ଗୋଷ୍ଠୀର ଲାଭ :

କାମପାଇଁ ପାଉଣା ପାଇବା ଯୋଗୁଁ ସେମାନଙ୍କ ଦୈନନ୍ଦିନ ରୋଜଗାର ବୃଦ୍ଧି ହୋଇଛି । ପର୍ଯ୍ୟଟକ ମାନେ ଗ୍ରାସ୍‌ରୁଟସ୍‌କୁ ପର୍ଯ୍ୟଟନ ସହାୟତା ପାଇଁ ଅଗ୍ରୀମ ଦେଇଥାନ୍ତି ଯେଉଁଥିରୁକି କାମ କରୁଥିବା ଲୋକମାନଙ୍କୁ ପାଉଣା ମିଳିଥାଏ । ଏବେ ଏହି କାମ ସହ ଜଡିତ ଥିବା ପୁରୁଷବାଡି ଗାଁର ୫୦ଟି ପରିବାରର ରୋଜଗାର ଶତକଡା ୩୦ ଭାଗ ବୃଦ୍ଧି ହୋଇପାରିଛି । ଏହି ପରିବାର ଗୁଡିକର ବାର୍ଷିକ ରୋଜଗାର ୧୨୦୦୦ଟଙ୍କାରୁ ୧୬୦୦୦ଟଙ୍କା ପର୍ଯ୍ୟନ୍ତ ହେଉଛି । ଏକ ଅଧ୍ୟୟନରୁ ଜଣାପଡିଛି ଯେ, ଗତ ତିନିବର୍ଷର କାର୍ଯ୍ୟକ୍ରମ ମଧରେ ସମୁଦାୟ ଗାଁରେ ୩ରୁ୪ଲକ୍ଷ ଟଙ୍କାର ଅଭିବୃଦ୍ଧି ହୋଇଛି । ଏହାଛଡା ଗାଁର ପାଣ୍ଠିରେ ମଧ୨ ରୁ ୩ଲକ୍ଷ ଟଙ୍କା ଜମା ହୋଇପାରିଛି ।

ପର୍ଯ୍ୟଟନ ସ୍ଥାନୀୟ ଅର୍ଥନୀତିକୁ ମଧ ବୃଦ୍ଧି କରିବାରେ ସହାୟକ ହୋଇ ପାରିଛି । ଗତ ଆର୍ଥିକ ବର୍ଷରେ ଗାଁରେ ୭୦୦ କର୍ମ ଦିବସ ସୃଷ୍ଟି ହୋଇ ପାରିଛି । ଗୋଷ୍ଠୀର ବିକାଶ ଦିଗରୁ ବିଚାର କଲେ ଗାଁର ଯୁବଗୋଷ୍ଠୀମାନଙ୍କ ମଧରେ ଏକ ସକାରାତ୍ମକ ପରିବର୍ତ୍ତନ ହୋଇଛି । ପୁରୁଷବାଡିର ତାଲିମପ୍ରାପ୍ତ ୧୫ ଜଣ ଯୁବକଙ୍କ ମଧରୁ ୭ ଜଣ କଲେଜ ଯିବା ଆରମ୍ଭ କରିଛନ୍ତି ।

ଚାହିଦା ମୁତାବକ କୁକୁଡା ପାଳନ, ପନିପରିବା ଚାଷ, ବିଭିନ୍ନ ଖାଦ୍ୟଶସ୍ୟ ଚାଷ, ଔଷଧୀୟ ବୃକ୍ଷଲତା ଏବଂ ଆଚାର ଆଦି ଗ୍ରାମୀଣ ଖାଦ୍ୟ ପ୍ରକ୍ରିୟାକରଣ ବୃଦ୍ଧି ପାଇଛି ।

ପରିବେଶ ଉପରେ ମଧ ଏହାର ସକାରାତ୍ମକ ପ୍ରଭାବ ପଡିଛି । ଗ୍ରାମବାସୀ ମାନେ ନିଜ ଜୈବବିବିଧତାର ସୁରକ୍ଷା ଓ ସୁନ୍ଦର ସ୍ଥାନ ଗୁଡିକର ସୁରକ୍ଷାରେ ମନୋନିବେଶ କରିଛନ୍ତି ।

ପର୍ଯ୍ୟଟକମାନେ ସେମାନଙ୍କର ସ୍ଥାନୀୟ ସଂସ୍କୃତି ଓ ପରମ୍ପରାକୁ ଉପଭୋଗ କରିବା ସହ ସେମାନଙ୍କ କିମ୍ବଦନ୍ତୀ, ଲୋକକଥା ଶୁଣିବାକୁ ଭଲପାଉଛନ୍ତି ଏବଂ ସେମାନଙ୍କ ସ୍ଥାନୀୟ ଚିକିତ୍ସା ପ୍ରଣାଳୀକୁ ପସନ୍ଦ କରୁଛନ୍ତି ବୋଲି ଗାଁଲୋକେ ଅନୁଭବ କରି ପାରୁଛନ୍ତି । ସେମାନେ ନିଜ ଜୀବନଶୈଳୀ ଓ ପରଂପରା ପର୍ଯ୍ୟଟକମାନଙ୍କ ସହ ଆଲୋଚନା କରୁଥିବାରୁ ନିଜକୁ ଗର୍ବିତ ମନେ କରୁଛନ୍ତି । ଏହା ପାରଂପାରିକ ସଂସ୍କୃତି ଓ ଜ୍ଞାନର ପୁନରୁଦ୍ଧାର ଦିଗରେ ସହାୟକ ହୋଇଛି । ଗାଁ ଯୁବକମାନେ ଲୋକନୃତ୍ୟ ପ୍ରଦର୍ଶନ କରି ଗତବର୍ଷ ସ୍ଥାନୀୟ ମେଳାରେ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି ।

***ଉତ୍ସ - ଲେଇସା ଇଣ୍ଡିଆ, ବର୍ଷ - ୯, ସଂଖ୍ୟା-୨, ଜୁନ୍ ୨୦୦୯***

**ଇନିର ପିନ୍‌ହରେରୋ**
ନଂ୩, ସିଲ୍ଭର କଏନ୍, ଡି' ମୋଣ୍ଟେ ଲେନ୍, ଓର୍‌ଲେମ୍,
ମାଲାଡ୍, ପଶ୍ଚିମ ମୁମ୍ବାଇ – ୪୦୦୦୬୪
Email : inir.pinheiro@grassroutes.co.in

# ବର୍ଷାଧାର ଧାନଚାଷରେ ଏକ ନୂଆ ପ୍ରଣାଳୀର ପ୍ରୟୋଗ

ସଙ୍ଗୀତା ପାଟିଲ୍



କର୍ଣ୍ଣାଟକର ଧରୱାଡ୍ ଜିଲ୍ଲା ଅନ୍ତର୍ଗତ ବିରାପୁର, କଲାପୁର, ରାମପୁର ଓ ନାଗଲଭି ଗାଁରେ ଧାନ ଏକ ମୁଖ୍ୟ ଖାଦ୍ୟଶସ୍ୟ ହିସାବରେ ଚାଷ କରାଯାଇଥାଏ । ଏହିସବୁ ଗାଁରେ ଚାଷୀ ମାନେ ପାରଂପରିକ ପଦ୍ଧତିରେ ଚାଷ କରିଥାନ୍ତି । ଗାଁର ୯୫% ଜମିରେ କେବଳ ଧାନଚାଷ କରାଯାଇଥାଏ । ଏହିଅଞ୍ଚଳରେ ଅଧିକ ବର୍ଷା ହୋଇଥାଏ ଏବଂ ହାରାହାରି ବାର୍ଷିକ ବୃଷ୍ଟିପାତ ହାର ହେଉଛି ୭୨୨ ମିଲିମିଟର । ତେଣୁ ବର୍ଷାକୁ ନେଇ ଧାନ ଚାଷ କରାଯାଇଥାଏ । ଅଧିକାଂଶ ଜମିରେ ଧାନ ବୁଣା ପଦ୍ଧତିରେ ଚାଷ କରାଯାଏ ଏବଂ ମାତ୍ର ୨% ଜମିରେ ତଳି ରୁଆ ପଦ୍ଧତିରେ ଚାଷ କରାଯାଏ ।

ଏଥି ଯୋଗୁଁ ଜମିରେ ବହୁତ ଘାସ ଓ ବାଲୁଙ୍ଗା ଉଠେ ଏବଂ ନାନା ପ୍ରକାର ପୋକ ଲାଗିଥାନ୍ତି ଯାହାଫଳରେ ଅମଳ ବହୁତ କମ୍ ହୋଇଥାଏ । ଏହାକୁ କିପରି ନିରାକରଣ କରିବେ ତାହା ଚାଷୀମାନେ ଜାଣି ନପାରି ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି । ଏହିଅଞ୍ଚଳରେ କାର୍ଯ୍ୟରତ ଏକ ଅନୁଷ୍ଠାନ ଏ.ଏମ୍.ଇ ଫାଉଣ୍ଡେସନ୍ ଏହି ଅସୁବିଧା ଦୂର କରିବା ପାଇଁ କମ୍ ଖର୍ଚ୍ଚରେ ହେଉଥିବା ଶ୍ରୀ ପ୍ରଣାଳୀ ଧାନଚାଷ ଆରମ୍ଭ କରାଇଲେ । ଜଳସେଚିତ ଅଞ୍ଚଳରେ ଏହି ଶ୍ରୀ ପ୍ରଣାଳୀ ଚାଷ ଦିଗରେ ପୂର୍ବରୁ ଏ.ଏମ୍.ଇ ଫାଉଣ୍ଡେସନ୍‌ର ଅଭିଜ୍ଞତା ରହିଥିଲା । ଶ୍ରୀ ପ୍ରଣାଳୀ ହେଉଛି ଏକ ନୂଆ ଚାଷ ପଦ୍ଧତି ଯାହା କମ୍ ଖର୍ଚ୍ଚରେ ଅଧିକ ଅମଳ ପ୍ରଦାନ କରିଥାଏ ଓ ପରିବେଶ ତଥା ଜମିକୁ ସୁସ୍ଥ ରଖିଥାଏ । ଶ୍ରୀ ପଦ୍ଧତିରେ ମାଟି, ପାଣି, ଚାରା ଓ ପୋଷଣ ତତ୍ତ୍ୱର ସୁପରିଚାଳନା ଦ୍ୱାରା ଜମି ଉର୍ବର ହେବା ସହ ଗଛର ଚେର ଗଭୀରକୁ ଯାଇ ଅଧିକ ପିଲ ଦେଇ ସୁସ୍ଥ ଭାବରେ ବଢ଼ିଥାଏ ଏବଂ ଅଧିକ ପରିମାଣର ଫଳ ଦିଏ । ପୂର୍ବରୁ ଅଭିଜ୍ଞତା ଥିଲେ ମଧ ବର୍ଷାଧାର ଅଞ୍ଚଳରେଏହି ପ୍ରଣାଳୀରେ ଧାନଚାଷ କରିବା ଏ.ଏମ୍.ଇ ଫାଉଣ୍ଡେସନ୍ ପାଇଁ ପ୍ରଥମ ଥିଲା ।

## ପ୍ରକ୍ରିୟାର ଆରମ୍ଭ

ଏ.ଏମ୍.ଇ ଫାଉଣ୍ଡେସନ୍ ତରଫରୁ ପ୍ରଥମେ ବିରାପୁର, କଲାପୁର, ରାମପୁର ଓ ନାଗଲଭି ଗାଁରେ ଏକ ସାଧାରଣ ସର୍ଭେ କରାଗଲା । ପ୍ରତି ଗାଁରେ ଗ୍ରାମସଭା ମଧ କରାଗଲା । ଗାଁ ଲୋକମାନଙ୍କ ସହ ମିଳିତ ଭାବରେ ଗାଁର ପରିସ୍ଥିତି ଓ ସମସ୍ୟା ଗୁଡ଼ିକ ବିଷୟରେ ତଥ୍ୟ ସଂଗ୍ରହ କରାଗଲା । ଏଠାରେ ଶ୍ରୀ ପ୍ରଣାଳୀରେ ଧାନ ଚାଷ ପାଇଁ ପର୍ଯ୍ୟାପ୍ତ ସୁଯୋଗ ରହିଥିବା ଏବଂ ଚାଷୀମାନଙ୍କ ଦଳ ଗଠନ କରି ସେମାନଙ୍କୁ ତାଲିମ ଓ ପ୍ରଶିକ୍ଷଣ ଦେଇ ଶ୍ରୀ ପ୍ରଣାଳୀରେ ଧାନ ଚାଷ କରାଯାଇ ପାରିବ ବୋଲି ଫାଉଣ୍ଡେସନ୍‌ର କର୍ମକର୍ତ୍ତାମାନେ ଜାଣି ପାରିଲେ ।

ଏ.ଏମ୍.ଇ ଫାଉଣ୍ଡେସନ୍‌ର ଅନୁଭୂତି ଅନୁଯାୟୀ ଚାଷର ସମସ୍ୟାକୁ ସମାଧାନ କରିବା ପାଇଁ ଚାଷୀ ସହଭାଗୀ ମୂଳକ ପ୍ରଶିକ୍ଷଣ ବ୍ୟବସ୍ଥା ହିଁ ସବୁଠାରୁ ଅଧିକ ଉପଯୋଗୀ । ଚାଷୀମାନଙ୍କର ଜ୍ଞାନର ବିସ୍ତାର କରିବା, ସେମାନଙ୍କ ବିଚାରଧାରା ଓ ଅନ୍ତଃଦୃଷ୍ଟିକୁ ଗଭୀର କରିବା , ସେମାନଙ୍କ ମନୋଭାବକୁ ଶାଣିତ କରିବା ଏବଂ ସେମାନଙ୍କ ଦକ୍ଷତାର ବିକାଶ କରିବାର ଆବଶ୍ୟକତା ରହିଛି । ଏଥିପାଇଁ ଏ.ଏମ୍.ଇ ଫାଉଣ୍ଡେସନ୍ ତରଫରୁ ଚାଷୀ କ୍ଷେତ୍ର ବିଦ୍ୟାଳୟ ମାଧ୍ୟମରେ ଚାଷୀମାନଙ୍କ ଦକ୍ଷତାର ବିକାଶ କରାଯାଉଛି ।

ଫସଲ ପରିଚାଳନା ସଂପର୍କରେ କୌଣସି ନିଷ୍ପତ୍ତି ନେବା ପୂର୍ବରୁ ଫସଲ ଏବଂ ସ୍ଥାନୀୟ ଜୀବ ଜଗତ ଓ ଭୂ ତତ୍ତ୍ୱ ମଧ୍ୟରେ ଥିବା ସଂପର୍କକୁ ଚାଷୀ ଭଲ ଭାବରେ ବୁଝିବାର ଆବଶ୍ୟକତା ଉପରେ ଏ.ଏମ୍.ଇ ଫାଉଣ୍ଡେସନ୍ ବିଶେଷ ଧ୍ୟାନ ଦେଇଥାଏ । ତେଣୁ ଚାଷୀମାନେ ନିଜେ ଖୋଜି ଖୋଜି ଶିଖିବା ନିମନ୍ତେ ଚାଷୀ କ୍ଷେତ ବିଦ୍ୟାଳୟ ଏକ ଉପଯୁକ୍ତ ପରିବେଶ ସୃଷ୍ଟି କରିଥାଏ ।

ଏହି ଅଞ୍ଚଳରେ ଶ୍ରୀ ପ୍ରଣାଳୀ ଧାନଚାଷର ବିକାଶ ଓ ସ୍ଥାୟୀତ୍ୱ ପାଇଁ ସବୁ ଚାଷୀ ମାନଙ୍କୁ ସାମିଲ ନକରି ପ୍ରଥମେ ଭଲଭାବରେ ବୁଝିଥିବା ଚାଷୀ ମାନଙ୍କୁ ନେଇ ଏହି ପ୍ରଣାଳୀ ଆରମ୍ଭ କରିବା ଯୁକ୍ତିଯୁକ୍ତ ହେବ ବୋଲି ଚିନ୍ତାକରାଗଲା । ଏହିସବୁ ଗାଁ ଗୁଡିକରୁ ସ୍ଥାନୀୟ ସହାୟକ ବଛାଗଲା । ସେମାନଙ୍କୁ ଶ୍ରୀ ପ୍ରଣାଳୀ ଓ ଚାଷୀ କ୍ଷେତ ବିଦ୍ୟାଳୟ ବିଷୟରେ ଦୁଇ ସପ୍ତାହ ତାଲିମ ଦିଆଗଲା । ଏହାପରେ ଏ.ଏମ୍.ଇ ଫାଉଣ୍ଡେସନ୍ ସହାୟତାରେ ସେମାନେ ନିଜ ଗାଁରେ ଚାଷୀ କ୍ଷେତ ବିଦ୍ୟାଳୟ ଆରମ୍ଭ କଲେ ।

୨୦ ଜଣ ଲେଖାଏଁ ଚାଷୀଙ୍କୁ ନେଇ ଗୋଟିଏ ଲେଖାଏଁ ଦଳ ଗଢାଗଲା । ୨୦୦୮ ମସିହା ମେ ମାସରୁ ଡିସେମ୍ବର ମାସ ଚାଷ ସମୟ ପର୍ଯ୍ୟନ୍ତ ପ୍ରତି ଗାଁରେ ଚାଷୀ କ୍ଷେତ୍ର ବିଦ୍ୟାଳୟ ଖୋଲାଗଲା । ଚାଷୀମାନେ ଚାଷୀ କ୍ଷେତ୍ର ବିଦ୍ୟାଳୟରେ ଅନୁସନ୍ଧାନ ମୂଳକ ଶିକ୍ଷା ଗ୍ରହଣ ପାଇଁ ବିଶେଷ ଆଗ୍ରହ ପ୍ରକାଶ କଲେ । ଚାଷୀ ଦଳ ଗୁଡିକୁ ବିଭିନ୍ନ ଛୋଟ ଛୋଟ ପରୀକ୍ଷାମୂଳକ କାର୍ଯ୍ୟକ୍ରମ ସହ ଜଡିତ କରାଯିବାରୁ ସେମାନେ ନିଜେ କରି ଶିଖି ପାରିଲେ । କାମ ଗୁଡିକ ନିଜେ କରି ସଫଳତା ପାଇବାରୁ ସେମାନଙ୍କ ମନୋବଳ ବୃଦ୍ଧି ପାଇଲା ।

୨୦୦୮ ମସିହାରେ ଧରଓ୍ୱାର୍ଡ ବ୍ଲକ୍‌ର ୪ଟି ଗାଁର ୮୦ ଜଣ ଚାଷୀ ଶ୍ରୀ ପ୍ରଣାଳୀର ଧାନଚାଷ କରିଥିଲେ । ଏହି ଚାଷରେ ଅନେକ ଉଲ୍ଲେଖନୀୟ ସଫଳତା ମିଳିଲା । ଏକର ପିଛା ୩୦ ରୁ ୩୫ କିଲୋ ବିହନ କମ୍ ଖର୍ଚ୍ଚ ହେଲା, ଧାଡି ଗୁଡିକ ମଧ୍ୟରେ ଅଧିକ ଫାଙ୍କ ରହିବାରୁ ଗଛସବୁ ହୃଷ୍ଟପୁଷ୍ଟ ହୋଇ ବଢିଲା । ନୂଆ ଘାସବଛା ଯନ୍ତ୍ର ବ୍ୟବହାର ଫଳରେ ଘାସ ବାଛିବାରେ ସୁବିଧା ହେଲା । ଏହାଛଡା ଗଛର ପିଲ ସଂଖ୍ୟା ଆଗ ଅପେକ୍ଷା ୪୦% ଅଧିକ ହେଲା ।



ପୂର୍ବାପେକ୍ଷା ୮୩ % କମ୍ ବିହନ ଓ କମ୍ ସଂଖ୍ୟକ ଚାରା ଗଛ ଲଗାଇଲେ ମଧ୍ୟ ୪୦% ଅଧିକ ଅମଳ ଆସିଲା । ଶ୍ରୀ ଚାଷ କ୍ଷେତରେ ଗଛ ଗୁଡିକରେ ପିଲ ସଂଖ୍ୟା ପ୍ରାୟ ୧୩୩% ଓ ଫଳନ୍ତି ପିଲ ସଖ୍ୟା ୧୭୧% ବୃଦ୍ଧି ଯୋଗୁଁ ଏହା ସମ୍ଭବ ହୋଇ ପାରିଲା । ଏଥିରେ ଜୈବିକ ଖତସାର ଓ ଔଷଧ ପ୍ରୟୋଗ ଯୋଗୁଁ ଖର୍ଚ୍ଚ ୭% ବୃଦ୍ଧି ପାଇଲେ ମଧ୍ୟ ୪୦.୩୪% ଅଧିକ ଅମଳ ଓ ୧୦୬.୩୨% ଅଧିକ ଲାଭ ହେଲା ।

ଚାଷୀ କ୍ଷେତ୍ର ବିଦ୍ୟାଳୟ ଗୁଡିକ ଶ୍ରୀ ପଦ୍ଧତିରେ ଚାଷ ପାଇଁ କମ୍ ସମୟରେ ଚାଷୀମାନଙ୍କୁ ପ୍ରସ୍ତୁତ କରିବାରେ ମୂଖ୍ୟ ଭୂମିକା ଗ୍ରହଣ କଲା । ବିଶେଷ କରି ପରୀକ୍ଷା ମୂଳକ ଉପାୟରେ ଶିଖିବା ନିମନ୍ତେ ଏହା ଚାଷୀ ମାନଙ୍କୁ ସକ୍ଷମ କଲା । ପ୍ରଥମ ବର୍ଷରେ ଶ୍ରୀ ପ୍ରଣାଳୀ ଧାନ ଚାଷର ବିପୁଳ ସଫଳତା ଫଳରେ ପରବର୍ଷ ଏହା ସମଗ୍ର ଅଞ୍ଚଳକୁ ବ୍ୟାପିଗଲା ।

## ଶ୍ରୀ ପ୍ରଣାଳୀର ପ୍ରସାର

ଶ୍ରୀ ପ୍ରଣାଳୀ ଧାନଚାଷର ପ୍ରସାର ନିମନ୍ତେ ଚାଷୀ ମାନଙ୍କର ବୈଠକ ଓ କ୍ଷେତ୍ର ପ୍ରଦର୍ଶନୀ ମାନ ଆୟୋଜନ କରାଗଲା । ଏହାର ସଫଳତା ସଂପର୍କରେ ଚାଷୀମାନଙ୍କୁ ବିଶେଷ ଭାବେ ଅବଗତ କରାଗଲା । ଏଥିରେ ସାରା ଅଞ୍ଚଳର ଚାଷୀମାନେ ଭାଗନେଇ ଶ୍ରୀ ପ୍ରଣାଳୀ ବିଷୟରେ ଜ୍ଞାନ ଅର୍ଜନ କରି ପାରିଲେ ।

ଏହି ପ୍ରକ୍ରିୟା ବହୁ ସଂଖ୍ୟାରେ ଚାଷୀ ମାନଙ୍କୁ ସଚେତନ କଲେ ମଧ୍ୟ ସମସ୍ତେ ଏହି ପ୍ରଣାଳୀରେ ଚାଷ କରିବାକୁ ସକ୍ଷମ ହେଲେ ନାହିଁ । ଏହା ଏକ ନୂଆ କୌଶଳ ହୋଇଥିବାରୁ ଚାଷୀମାନେ ଏହା କରିବାକୁ ସାହସ ଯୁଟାଇ ପାରିଲେ ନାହିଁ । ଏହି ପ୍ରଣାଳୀ ସେମାନଙ୍କ ପାରଂପରିକ ଚାଷ ପ୍ରଣାଳୀରୁ ଭିନ୍ନ ଥିବାରୁ ଏହା କରିବା ପାଇଁ ଚାଷୀମାନଙ୍କୁ ଏକ ଯୋଜନାବଦ୍ଧ ପ୍ରକ୍ରିୟାରେ ଧାରାବାହିକ ସହାୟତା ଦେବାର ଆବଶ୍ୟକତା ରହିଥିଲା ।

୨୦୦୯ ମସିହାରେ ଏ.ଏମ୍.ଇ ଫାଉଣ୍ଡେସନ୍ ତରଫରୁ ଦେଶପାଣ୍ଡେ ଫାଉଣ୍ଡେସନ୍ ଓ ଡବ୍ଲ୍ୟୁ. ଡବ୍ଲ୍ୟୁ. ଏଫ୍ ସହାୟତାରେ ୨୫ଟି ଗାଁର ୧୫୦୦ ଚାଷୀଙ୍କୁ ଶ୍ରୀ ପ୍ରଣାଳୀରେ ଧାନଚାଷ ପାଇଁ

ଯୋଜନା କରାଗଲା । ଏହି ଶ୍ରୀ ଅଭିଯାନ କାର୍ଯ୍ୟକ୍ରମରେ କେବଳ ଶ୍ରୀ ଚାଷୀ ମାନଙ୍କୁ ନୁହେଁ ବରଂ ଶ୍ରୀ ପ୍ରଣାଳୀରେ ଧାନଚାଷକୁ ଉତ୍ସାହିତ କରୁଥିବା ଓ ସମର୍ଥନ କରୁଥିବା ଜିଲ୍ଲାର ସମସ୍ତଙ୍କୁ ସାମିଲ କରାଯିବାର ବ୍ୟବସ୍ଥା କରାଗଲା । ଏହି ଅଭିଯାନକୁ ଆନୁଷ୍ଠାନିକ ଭାବେ ୨୦୦୯ ମେ ୨୯ ତାରିଖରେ ଉଦ୍‌ଘାଟନ କରାଗଲା । ଏହି ଉତ୍ସବରେ ସ୍ଥାନୀୟ କୃଷି ବିଭାଗ, କୃଷି ବିଶ୍ୱବିଦ୍ୟାଳୟ, ଲୋକ ପ୍ରତିନିଧି, ଚାଷୀ ଓ କୃଷି ସହାୟକ ମାନେ ବହୁ ସଂଖ୍ୟାରେ ଯୋଗ ଦେଇଥିଲେ । ଏହି ପ୍ରକ୍ରିୟାକୁ ଅଧିକ ପ୍ରଚାର କରିବା ପାଇଁ ଧରଓ୍ୱାଡ୍‌ର ପ୍ରେସ୍ କ୍ଲବ୍ ଠାରେ ଏକ ସାମାଦିକ ସମ୍ମିଳନୀର ଆୟୋଜନ ମଧ୍ୟ କରାଗଲା । ଉଭୟ ଖବର କାଗଜ ଓ ଟିଭି ଆଦିରେ ଏହାର ବ୍ୟାପକ ପ୍ରସାର ହେଲା ।

ଏହି କାର୍ଯ୍ୟକ୍ରମକୁ ଯୋଜନାବଦ୍ଧ ଭାବରେ ଖରିଫ ଚାଷ ପୂର୍ବରୁ ଶୁଭାରମ୍ଭ କରିବାର ନିଷ୍ପତ୍ତି ନିଆଗଲା ଯାହାଫଳରେ ଚାଷୀମାନେ ଏହା କରିବାର ସୁଯୋଗ ପାଇପାରିବେ । ଏହି କାର୍ଯ୍ୟ ପ୍ରକ୍ରିୟା ବିଭିନ୍ନ ସ୍ତର ଅନୁସାରେ କରାଗଲା ।

## କ) ମାନବ ସମ୍ବଳର ବିକାଶ

ଏ.ଏମ୍.ଇ ଫାଉଣ୍ଡେସନ୍‌ର ସମସ୍ତ କାର୍ଯ୍ୟକ୍ରମ ଗୁଡିକରେ ମାନବ ସମ୍ବଳର ବିକାଶକୁ ପ୍ରାଥମିକତା ଦିଆଯାଇଥାଏ । ପ୍ରାଥମିକ ପର୍ଯ୍ୟାୟ କାର୍ଯ୍ୟକ୍ରମରେ ଏହା ବେଶ୍ ସୁଫଳ ପ୍ରଦାନ କରିଥାଏ । କୃଷକ କ୍ଷେତ୍ର ବିଦ୍ୟାଳୟ ମାଧ୍ୟମରେ ଚାଷୀ ମାନଙ୍କୁ ଶ୍ରୀ ପ୍ରଣାଳୀ ଚାଷ ବିଷୟରେ ଦକ୍ଷ କରିବା ଏବଂ ଏହାର ପ୍ରସାର ଓ ସ୍ଥାୟୀତ୍ୱ ପାଇଁ ସ୍ଥାନୀୟ ଯୁବ ଗୋଷ୍ଠୀକୁ ପ୍ରଶିକ୍ଷଣ ଦେବା କାର୍ଯ୍ୟ ଆରମ୍ଭ ହେଲା । ଏହିଠାରେ ମଧ୍ୟ ଏହି ଚାଷର ପ୍ରସାର ପାଇଁ ରୂପରେଖ ପ୍ରସ୍ତୁତି କରାଗଲା ।

ଏଥିପାଇଁ ପ୍ରକଳ୍ପ ଅଧିନସ୍ଥ ଗାଁ ଗୁଡିକରୁ ୭୦ ଜଣ ସ୍ଥାନୀୟ ଯୁବକଙ୍କୁ ବଛାଗଲା । ସେମାନଙ୍କୁ ଏକ ତିନି ଦିନିଆ ତାଲିମ ଶିବିରରେ ଶ୍ରୀ ଚାଷ ପଦ୍ଧତିର ସଂଜ୍ଞା, ପ୍ରଣାଳୀ ଓ କାର୍ଯ୍ୟ ବିଷୟରେ ଶିକ୍ଷା ଦିଆଗଲା । ଚାଷୀ ମାନଙ୍କୁ ସହାୟତା ଦେବା ପାଇଁ ଓ ସଚେତନ କରିବା ପାଇଁ ତାଲିମ ସହାୟକ ଓ ଶ୍ରୀ ପ୍ରେରକ ମାନଙ୍କୁ ପ୍ରଶିକ୍ଷଣ ଦିଆଗଲା । ବିଶେଷକରି ଚାଷୀମାନଙ୍କୁ ବିହନ ବୁଣା ସମୟରେ ବିହନ ବାଛିବା, ବିହନ ବିଶୋଧନ କରିବା, କମ୍ ବିହନ ବ୍ୟବହାର କରିବା ଆଦି ବିଷୟରେ ଦକ୍ଷ କରିବା ଉପରେ ଗୁରୁତ୍ୱ ଦିଆଗଲା । ଏହି ପ୍ରଶିକ୍ଷିତ ସହାୟକ ମାନେ ହୁବ୍‌ଲି, ଧର୍‌ଓ୍ୱାଡ୍ ଓ କାଲ୍‌ଘାଟ୍‌ଗି ଆଦି ତିନୋଟି ବ୍ଲକ୍‌ର ୨୫ ଟି ଗାଁରେ ଶ୍ରୀ ଧାନ ଚାଷର ପ୍ରସାର କଲେ ।

## ଖ) ଅଭିଯାନ

ଶ୍ରୀ ପ୍ରେରକମାନେ ଏହି କାର୍ଯ୍ୟକ୍ରମକୁ ପ୍ରସାର କରିବା ପାଇଁ ବିଭିନ୍ନ ଉପାୟ ଅବଲମ୍ବନ କଲେ । ସେମାନେ ଗାଁ ସ୍ତରରେ ଗ୍ରାମ ସଭା ମାନ ଆୟୋଜନ କଲେ । ଆଗ୍ରହୀ ଚାଷୀମାନଙ୍କ ସହ ଆଲୋଚନା କରି ସେମାନଙ୍କୁ ଏହି କାର୍ଯ୍ୟକ୍ରମ ସହ ସାମିଲ କଲେ । ସେମାନେ ଶ୍ରୀ ପ୍ରଣାଳୀ ବିଷୟରେ ଚାଷୀମାନଙ୍କୁ ସଚେତନ କଲେ ଏବଂ ଏଥିପାଇଁ ଆବଶ୍ୟକୀୟ ସ୍ୱତନ୍ତ୍ର କୌଶଳଗୁଡିକ ବିଷୟରେ ସେମାନଙ୍କୁ ପ୍ରଶିକ୍ଷଣ ଦେଲେ । କାନ୍ଥ ଲେଖା,ବ୍ୟାନର ଓ ପତ୍ରିକା ମାନ ବଣ୍ଟନ କରି ସେମାନେ ଶ୍ରୀ ପ୍ରଣାଳୀର ଉପାଦେୟତା ସଂପର୍କରେ ଚାଷୀ ମାନଙ୍କୁ ସଚେତନ କଲେ । ଏହା ସହ ସେମାନେ ଚାଷୀ ମାନଙ୍କ ସହ ମିଶି ଏଥିପାଇଁ ଆବଶ୍ୟକୀୟ କୃଷି ଯନ୍ତ୍ରପାତି ସବୁ ପ୍ରସ୍ତୁତ କଲେ ।

## ଗ) କ୍ଷେତ୍ର ସ୍ତରୀୟ ସହାୟତା

ଅଭିଯାନ କାର୍ଯ୍ୟକ୍ରମ ପରେ ପ୍ରେରକମାନେ ଚାଷୀ ମାନଙ୍କୁ ଚାଷ କ୍ଷେତ୍ରରେ ଠିକ ଭାବେ ବିହନ ବୁଣିବା କୌଶଳ ବତାଇଲେ । ସେମାନେ ଶ୍ରୀ କୌଶଳରେ ବିହନ ଚୟନ, ବିଶୋଧନ ଓ ବୁଣିବା ଶିଖାଇଲେ । ସେମାନେ ଶ୍ରୀ ପଦ୍ଧତିରେ ବୁଣିବା ପାଇଁ ସ୍ଥାନୀୟ କୃଷି ବିଭାଗରୁ ୫୭ଟି ଆଧୁନିକ ବିହନ ବୁଣା ଯନ୍ତ୍ର ଆଣିଲେ । ସେମାନେ ମଧ୍ୟ ବିହନ ବିଶୋଧନ ପାଇଁ ୨୦୦ କିଲୋ ଜୈବ ବିଶୋଧକ, ପି.ଏସ୍.ବି ଓ ୨୦ ଗ୍ରାମ୍ ଟ୍ରାଇକୋଡେର୍ମା ସଂଗ୍ରହ କଲେ । ସ୍ଥାନୀୟ କୃଷି ବିଭାଗରୁ ସେମାନେ ୨୫ କିଲୋ ଜିଙ୍କସଲ୍‌ଫେଟ୍ ମଧ୍ୟ ସଂଗ୍ରହ କଲେ । ଏହା ବିହନ ବିଶୋଧନ ପାଇଁ ଚାଷୀମାନଙ୍କୁ ଯୋଗାଇ ଦିଆଗଲା ।

ଶ୍ରୀ ପ୍ରେରକମାନେ ସ୍ଥାନୀୟ ମୁଗୁଡ ଧାନ ଗବେଷଣା ପ୍ରତିଷ୍ଠାନର ବୈଜ୍ଞାନିକ ମାନଙ୍କ ସହ ଯୋଗାଯୋଗ କରି ୬୭ ଜଣ ଚାଷୀଙ୍କ କ୍ଷେତରେ ଘାସଗୁଳ୍ମ ପରିଚାଳନା ବ୍ୟବସ୍ଥା କଲେ । ଏହି ପ୍ରକ୍ରିୟାରେ ୨୦୦୯ ମସିହା ସୁଦ୍ଧା ୧୦୧୨ ଜଣ ଚାଷୀଙ୍କୁ ୧୩୦ ଏକର ଜମିରେ ଶ୍ରୀ ପଦ୍ଧତି ଚାଷରେ ସାମିଲ କରାଯାଇ ପାରିଥିଲା । ଏଥିରୁ ୮୦୬ ଜଣ ଚାଷୀ ବର୍ଷା ଦିନିଆ ଓ ଅବଶିଷ୍ଟ ଖରାଦିନିଆ ଚାଷ କରିଥିଲେ । ପରେ ଏହି ପ୍ରକ୍ରିୟାକୁ ଏ.ଏମ୍.ଇ ଫାଉଣ୍ଡେସନ୍ କାର୍ଯ୍ୟକରୁଥିବା କୋଲାର ଜିଲ୍ଲାକୁ ସଂପ୍ରସାରିତ କରାଯାଇଥିଲା ।

ଶ୍ରୀ ପଦ୍ଧତିର ସଂପ୍ରସାରଣ ପାଇଁ ଅନେକ କାରଣ ସହାୟତା କରିଥିଲା । ନିମ୍ନ ଲିଖିତ କାରଣଗୁଡିକ ଧରଓ୍ୱାଡ୍ ଜିଲ୍ଲାର ବାହାର ଅଞ୍ଚଳକୁ ସଂପ୍ରସାରିତ କରିବା ପାଇଁ ସହାୟକ ହୋଇଥିଲା ।

## ବିଭିନ୍ନ କାର୍ଯ୍ୟକ୍ରମର ସମନ୍ୱୟରେ ଶ୍ରୀ ପଦ୍ଧତିର ବିକାଶ

ଏହି କାର୍ଯ୍ୟକ୍ରମକୁ ନୂଆ ଅଞ୍ଚଳକୁ ସଂପ୍ରସାରିତ କରିବା ପାଇଁ ଏ.ଏମ୍.ଇ ଫାଉଣ୍ଡେସନ୍ ତରଫରୁ ଭିନ୍ନ ଧରଣର ଯୋଜନା କରାଗଲା । ଯେଉଁସବୁ ଅଞ୍ଚଳରେ ଏ.ଏମ୍.ଇ ଫାଉଣ୍ଡେସନ୍ ଗାଁ ସ୍ତରରେ କାର୍ଯ୍ୟ କରୁ ନଥିଲା ସେଠାରେ ସରକାରୀ ବିଭାଗକୁ

ପ୍ରଭାବିତ କରିବାକୁ ଉଦ୍ୟମ କରାଗଲା । କର୍ଣ୍ଣାଟକର ହାସାନ ଜିଲ୍ଲା ଅନ୍ତର୍ଗତ ସାକ୍‌ଲେଶପୁର ବ୍ଲକ୍‌ରେ ସରକାରୀ ବିଭାଗକୁ ଅନ୍ତର୍ଭୁକ୍ତ କରି ଶ୍ରୀ ପ୍ରଣାଳୀ ଚାଷର ବ୍ୟବସ୍ଥା କରାଯାଇଥିଲା ।

ହାସାନ ଜିଲ୍ଲାର କୃଷି ବିଭାଗ ତରଫରୁ ୨୦୦୬-୦୭ ମସିହାରେ କିଛି ଚାଷୀଙ୍କୁ ଉତ୍ସାହିତ କରି ଶ୍ରୀ ଧାନ ଚାଷ ପାଇଁ ଉଦ୍ୟମ କରାଯାଇଥିଲା । କିନ୍ତୁ ସେମାନଙ୍କୁ ଉପଯୁକ୍ତ ସହଯୋଗ ଓ ପରାମର୍ଶ ଦିଆ ନଯିବାରୁ ସେମାନେ ଏହାକୁ ଠିକ ଭାବରେ କରି ପାରିଲେ ନାହିଁ । ୨୦୦୯ ମସିହାରେ ଏ.ଏମ୍.ଇ ଫାଉଣ୍ଡେସନ୍ ତରଫରୁ ବୈଷୟିକ ସହାୟତା ପାଇଁ ଜିଲ୍ଲାର କୃଷି ବିଭାଗ ସହ ସମନ୍ୱୟ ରଖାଗଲା । କୃଷି ବିଭାଗ ସ୍ଥାନୀୟ ଯୁବ ଗୋଷ୍ଠୀକୁ ଏଥିପାଇଁ ପ୍ରଶିକ୍ଷଣ ପ୍ରଦାନ କଲା, ଯେଉଁମାନେ କି ଏହା ଶିଖି ନିଜ ଗାଁରେ ପ୍ରୟୋଗ କରିପାରିବେ । ଏହି ସହାୟକ ମାନଙ୍କୁ ବିଭିନ୍ନ ପ୍ରଦର୍ଶନୀ କ୍ଷେତ ଗୁଡ଼ିକୁ ନେଇ ତାଲିମ ପ୍ରଦାନ କରାଗଲା । ସେମାନେ ତଳି ପକାଇବା ଓ ରୋଇବା ଆଦି କୌଶଳ କ୍ଷେତ ଗୁଡ଼ିକରେ ପରୀକ୍ଷା ମୂଳକ ଭାବେ ଶିକ୍ଷାକଲେ । ଏ.ଏମ୍.ଇ ଫାଉଣ୍ଡେସନ୍ ଠାରୁ ବୈଷୟିକ କୌଶଳ ଗ୍ରହଣ କରି ୧୦ଟି ଗାଁର ୪୦ ଜଣ ଚାଷୀ ଆତ୍ମା କାର୍ଯ୍ୟକ୍ରମ ଅଧିନରେ ଶ୍ରୀ ଧାନଚାଷ ପଦ୍ଧତି ଅନୁସରଣ କଲେ ।

## ଏହି ପଦ୍ଧତିର ସ୍ୱାଭାବିକ ବୈଶିଷ୍ଟ୍ୟ

ଶ୍ରୀ ପ୍ରଣାଳୀର ଅନେକ ଗୁଡ଼ିଏ ସ୍ୱାଭାବିକ ବୈଶିଷ୍ଟ୍ୟ ରହିଛି, ଯଥା – କମ୍ ସାଧନର ଆବଶ୍ୟକତା ଓ କମ୍ ଖର୍ଚ୍ଚ, ଅଧିକ ଅମଳ ଓ ଆଦାୟ । ପ୍ରଥମ ବର୍ଷ ଭଲ ଅମଳ ପାଇ ପାରିଥିବା ଚାଷୀମାନଙ୍କ ଠାରୁ ଏହା ଅନ୍ୟ ଚାଷୀ ମାନଙ୍କୁ ପ୍ରଭାବିତ କଲା ଓ ସେମାନଙ୍କ ଦ୍ୱାରା ପ୍ରଭାବିତ ହୋଇ ଅନ୍ୟ ଚାଷୀମାନେ ଏହି ପଦ୍ଧତି ଅନୁସରଣ କଲେ ।

କୃଷକ କ୍ଷେତ୍ର ବିଦ୍ୟାଳୟ ମାଧମରେ ଚାଷୀମାନଙ୍କ ଦକ୍ଷତା ବୃଦ୍ଧି ସହ ନିୟମିତ ପରାମର୍ଶ ଓ ସହାୟତା ପ୍ରଥମ ବର୍ଷର



ସଫଳତାର ମୁଖ୍ୟ କାରଣ । ଏହା ଏକ ଦୀର୍ଘ ମିଆଦି ପ୍ରକ୍ରିୟା ହୋଇଥିବାରୁ ଚାଷୀମାନଙ୍କୁ ପ୍ରତି କ୍ଷେତ୍ରରେ ପରାମର୍ଶ ଦିଆଗଲା । ଏହା ଚାଷୀ ମାନଙ୍କୁ ଏହି ନୂଆ ପ୍ରଣାଳୀକୁ କାର୍ଯ୍ୟକାରୀ କରିବା ପାଇଁ ସାହସ ଯୋଗାଇଲା । ସ୍ଥାନୀୟ ସହାୟକ ମାନଙ୍କ ଦ୍ୱାରା ପରାମର୍ଶ ଦିଆଯିବାରୁ ଏହା ବିଶେଷ ଗ୍ରହଣୀୟ ହୋଇ ପାରିଲା ।

## ସଫଳ ଯୋଜନା

ଏହି ପଦ୍ଧତିରେ ଯାହାବି ସୁଫଳ ଥାଉ ନା କାହିଁକି ଏହାର ବହୁଳ ସଂପ୍ରସାରଣ କ୍ୱଚିତ ହୋଇଥାଏ । ଏଥିପାଇଁ ଏକ ଯୋଜନାବଦ୍ଧ ପ୍ରକ୍ରିୟା ଓ କାର୍ଯ୍ୟକାରୀତା ଆବଶ୍ୟକ । ଆଗରୁ ଶ୍ରୀ ଧାନ ଚାଷ ହୋଇ ନଥିବା ଅଞ୍ଚଳରେ କୃଷି ବିଭାଗ ଦ୍ୱାରା ନିଆ ଯାଉଥିବା ପଦକ୍ଷେପ ଗୁଡ଼ିକର ମନୁରତା ଏହାର ନିଛକ ଉଦାହରଣ ।

## ବିଭାଗୀୟ ସମନ୍ୱୟ

ଏହି ପ୍ରଣାଳୀକୁ କାର୍ଯ୍ୟକାରୀ କରିବା ପାଇଁ ବିଭିନ୍ନ ଅନୁଷ୍ଠାନ ଓ ବିଭାଗ ଗୁଡ଼ିକ ସହ ସମନ୍ୱୟ ରଖିବାକୁ ଅନେକ ଉଦ୍ୟମ କରାଯାଇଛି । ସରକାରୀ କୃଷି ବିଭାଗକୁ ଅନ୍ତର୍ଭୁକ୍ତ କରାଯିବା ଦ୍ୱାରା ଏହାର ସହଯୋଗରେ ମଧ ଶ୍ରୀ ପ୍ରଣାଳୀ ବିଶେଷ ସଂପ୍ରସାରଣ ହୋଇ ପାରିଥିଲା । କାର୍ଯ୍ୟକ୍ରମକୁ ଦୀର୍ଘସ୍ଥାୟୀ କରିବା ପାଇଁ ବିଭାଗୀୟ ସଂପର୍କ ଓ ସହାୟତା ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ । ସଚେତନତା କାର୍ଯ୍ୟକ୍ରମ ସହ ବହୁଳ ପ୍ରଚାର ଓ ପ୍ରସାର ମଧ ଏହି କାର୍ଯ୍ୟକ୍ରମ ପ୍ରତି ଚାଷୀ ମାନଙ୍କର ଆସ୍ଥା ଆଣିବାରେ ସହାୟକ ହୋଇ ପାରିଥିଲା ।

## କୃତଜ୍ଞତା

ଏହି କାର୍ଯ୍ୟକ୍ରମକୁ ସଫଳ କରିଥିବାରୁ ଅଞ୍ଚଳର ସମସ୍ତ ଚାଷୀ ଓ ଧରୱାଡ୍ ଏ.ଏମ୍.ଇ ଫାଉଣ୍ଡେସନ୍‌ର କର୍ମକର୍ତ୍ତା ମାନଙ୍କୁ ଅଶେଷ ଧନ୍ୟବାଦ । ଡଃ. ଅରୁଣ ବାଲାମାଟିଙ୍କ ପରାମର୍ଶ ଏବଂ ଦେଶପାଣ୍ଡେ ଫାଉଣ୍ଡେସନ୍ ଓ ଡବ୍ଲ୍ୟୁ. ଡବ୍ଲ୍ୟୁ. ଏଫ୍ ସହାୟତା ଯୋଗାଇ ଦେଇଥିବାରୁ ସେମାନଙ୍କ ନିକଟରେ ଆମେ କୃତଜ୍ଞ ।

*ଉତ୍ସ -ଲେଇସା ଇଣ୍ଡିଆ, ବର୍ଷ- ୯, ସଂଖ୍ୟା-୪, ଡ଼ିସେମ୍ବର ୨୦୦୯*

**ସଙ୍ଗୀତା ପାଟିଲ୍**
ଏରିଆ ପ୍ରୋଗ୍ରାମ ଅଫିସର୍, ଏ.ଏମ୍.ଇ ଫାଉଣ୍ଡେସନ୍,
# ୩୯, ୧ମ ମୁଖ୍ୟ, ୨ୟ କ୍ରସ୍,
ଚନ୍ନାବାସବେଶ୍ୱର ନଗର, ଧରୱାଡ୍ – ୫୮୦୦୦୭
Email: amefdwd@yahoo.com

# ବିହନ କେନ୍ଦ୍ର ସ୍ଥାପନ ମାଧ୍ୟମରେ ଆଦିବାସୀ ମହିଳା ମାନଙ୍କର ଖାଦ୍ୟ ସାର୍ବଭୌମତ୍ୱ

**ଡଃ. ବୀଣା ବିଦ୍ୟାଧରନ୍ ଓ ଡଃ. ମନୋଜ କୁମାର ତିୱାରୀ**

ରାଜସ୍ଥାନର ବାରାନ୍ ଜିଲ୍ଲା ଅନ୍ତର୍ଗତ ସାହାବାଦ ବ୍ଲକ ଏକ ଆଦିବାସୀ ଅଧ୍ୟୁଷିତ ଅନୁନ୍ନତ ଅଞ୍ଚଳ ଏବଂ ଏଠାକାର ପ୍ରାୟ ସମସ୍ତ ଲୋକ ଗ୍ରାମାଞ୍ଚଳରେ ବସବାସ କରନ୍ତି । ଆଦିବାସୀ ଗୋଷ୍ଠୀ ଗୁଡିକ ମଧ୍ୟରେ ଭୀଲ୍ ଓ ସହରିଆ ହେଉଛନ୍ତି ମୁଖ୍ୟ । ଗହମ, ମକା ଓ ଜନା ସେମାନଙ୍କର ମୁଖ୍ୟ ଖାଦ୍ୟ । ସହରିଆମାନେ ମୁଖ୍ୟତଃ ଜଙ୍ଗଲ ଉପରେ ନିର୍ଭର କରିଥାନ୍ତି ଏବଂ ଚାଷ ହେଉଛି ସେମାନଙ୍କର ଦ୍ୱିତୀୟ ଜୀବିକା । ବର୍ଷାଦିନେ ସେମାନେ ମକା, ଜହ୍ନା, ରାଶି, ସୋୟାବିନ, ହରଡ ଓ ଚିନା ବାଦାମ ଆଦି ଚାଷ କରିଥାନ୍ତି । ଶୀତଦିନେ ଚଣା, ଶୋରିଷ ଓ ଗହମ ଆଦି ଫସଲ କରିଥାନ୍ତି । ବେରୋଜଗାରୀ ଓ ଜୀବିକା ପନ୍ଥାର ଅଭାବ ଯୋଗୁଁ ବହୁ ସଂଖ୍ୟାରେ ଲୋକ ବାହାରକୁ ଦାଦନ ଯାଇଥାନ୍ତି ।

ଚାଷ ଓ ପଶୁପାଳନରୁ କମ୍ ଆଦାୟ, ପ୍ରାକୃତିକ ଓ ଅର୍ଥନୈତିକ ସମ୍ବଳର ଅଭାବ, ଚାଷରେ ଅଧିକ ଖର୍ଚ୍ଚାନ୍ତ, କୃଷିଜାତ ଦ୍ରବ୍ୟ ଗୁଡିକରୁ ଉଚିତ ମୂଲ୍ୟ ନପାଇବା ଏବଂ ପାଣିପାଗର ଅସ୍ଥିରତାରୁ କମ୍ ଅମଳ ଯୋଗୁଁ ଲୋକମାନଙ୍କର କ୍ରୟଶକ୍ତିର ଅଭାବ ଅଞ୍ଚଳରେ ଖାଦ୍ୟ ନିରାପତ୍ତାକୁ ବିପନ୍ନ କରୁଥିଲା । ମରୁଡି ସମୟରେ ଏହି ଅବସ୍ଥା ଆହୁରି ଉଦ୍‌ବେଗଜନକ ଥିଲା ।

ଚାଷ ସହରିଆମାନଙ୍କର ଉପ ଜୀବିକା ଥିବାରୁ ସେମାନଙ୍କର ବିହନ ସଂରକ୍ଷଣ ଅଭ୍ୟାସ ନଥିଲା । ଅଳ୍ପ କେତେକ ଲୋକ ବିହନ ସାଇତି ରଖୁଥିଲେ ଏବଂ ଅନ୍ୟମାନେ ବୁଣାବୁଣି ସମୟରେ ଅନ୍ୟ ଚାଷୀ ବା ଦୋକାନୀମାନଙ୍କ ଠାରୁ ଅଧିକ ଦାମ୍‌ରେ ବିହନ କିଣି ଆଣୁଥିଲେ । ସେମାନେ ରଖୁଥିବା ବିହନ ସବୁକୁ ଅଭାବ ସମୟରେ ଖାଇ ଦେଉଥିଲେ ଯାହାଫଳରେ ବୁଣାବୁଣି ସମୟକୁ ବିହନର ଅଭାବ ହେଉଥିଲା । ଭଲ ବିହନ ଅଭାବରୁ ଫସଲ ମଧ ଭଲ ହେଉନଥିଲା ।

ଅନ୍ୟପକ୍ଷରେ ଜିନ୍ ପରିବର୍ତ୍ତିତ ବିହନ ବ୍ୟବହାର ବୃଦ୍ଧି ଯୋଗୁଁ ବିହନ ବ୍ୟବସାୟ ବହୁଦେଶୀୟ କମ୍ପାନୀ ମାନଙ୍କ ହାତକୁ ଚାଲିଯିବାକୁ ବସିଛି । ଏହି ପରିପ୍ରେକ୍ଷୀରେ ପାରଂପରିକ ଦେଶୀ ବିହନ ଗୁଡିକର ସଂରକ୍ଷଣ ଜୈବବିବିଧତାର ସୁରକ୍ଷା ଓ ଚାଷୀମାନଙ୍କ ବିହନ ସାର୍ବଭୌମତ୍ୱ ଦିଗରେ ଏକ ସମର୍ପିତ ପଦକ୍ଷେପ । ଆଦିବାସୀମାନଙ୍କୁ ବିହନ ସମସ୍ୟାରୁ ମୁକୁଳିବା ଏବଂ ବିହନ ତଥା ଖାଦ୍ୟ ନିରାପତ୍ତା ଉପରେ ସେମାନଙ୍କର କର୍ତ୍ତୃତ୍ୱ ବଜାୟ ରଖିବା ନିମନ୍ତେ ସେଣ୍ଟର୍ ଫର୍ କମ୍ୟୁନିଟି ଇକୋନୋମିକ୍ସ ଡେଭଲପ୍‌ମେଣ୍ଟ କନ୍‌ସୁଲ୍‌ଟାଣ୍ଟସ୍ ସୋସାଇଟି (ସି.ଇ.ସି.ଓ.ଇ.ଡି.ଇ.ସି.ଓ.ଏନ୍ ) ନାମକ ଏକ ବେସରକାରୀ ସଂସ୍ଥା ଗୋଷ୍ଠୀ ସ୍ତରରେ ବିହନ ବ୍ୟାଙ୍କ ବା ବିହନ ପାଣ୍ଠି କାର୍ଯ୍ୟକ୍ରମ ଆରମ୍ଭ କଲେ । ସଂସ୍ଥା ୨ ୦ ୦ ୬ ମସିହା ଜାନୁୟାରୀରୁ ଜୁନ୍ ମଧ୍ୟରେ



ଓ.ସି.ଏ.ଏ. ସହାୟତା ପ୍ରାପ୍ତ ପିପୁଲ୍‌ସ ଇନିସିଏଟିଭ୍ ଫର୍ ଫୁଡ୍ ସୋଭରେନ୍‌ଟି ଇନ୍ ରାଜସ୍ଥାନ ପ୍ରକଳ୍ପ ମାଧ୍ୟମରେ ଏଥିପାଇଁ ଗ୍ରାମବାସୀ ମାନଙ୍କୁ ସହାୟତା ଦେଲେ ।

## ବିହନ ବ୍ୟାଙ୍କ ପ୍ରତିଷ୍ଠା

ମହିଳାମାନେ ବିହନ ଚୟନ, ସାଇତା ଓ ପରିଚାଳନା ସହ ଜଡିତ ଥିବାରୁ ବିହନ ବ୍ୟାଙ୍କ ପରିଚାଳନା ପାଇଁ ମହିଳା ମାନଙ୍କୁ ନେଇ ଏକ ସ୍ୱୟଂସହାୟକ ଦଳ ଗଠନ କରାଗଲା । ବିହନ ବ୍ୟାଙ୍କ ପରିଚାଳନା ପାଇଁ ଲୋକମାନଙ୍କୁ ମଧ୍ୟ ବିଶେଷ ଭାବରେ ସଚେତନ କରାଗଲା । ବିହନ ବ୍ୟାଙ୍କର ପରିଚାଳନା ଓ ସଂରକ୍ଷଣ ପ୍ରଣାଳୀ ବିଷୟରେ କିଛି ବଛାବଛା ସଭ୍ୟାଙ୍କୁ ତାଲିମ ଦିଆଗଲା ଏବଂ ବନସ୍ୱାର ଠାରେ ଥିବା ବିହନ ବ୍ୟାଙ୍କକୁ ପରିଦର୍ଶନରେ ନିଆଗଲା । ବିହନ ବ୍ୟାଙ୍କର ଏକ କମିଟି ଗଢାଗଲା । ବିହନ ବ୍ୟାଙ୍କ ସଂପର୍କରେ ନିଆଯାଉଥିବା ସମସ୍ତ ନିଷ୍ପତ୍ତି ଓ କାର୍ଯ୍ୟକ୍ରମ ଗୁଡିକୁ ଏସ୍.ଏଚ୍.ଜିର ଖାତାରେ ଲେଖା ଯାଉଥିଲା । ଗାଁ ସ୍ତରରେ ଏହାର ପରିଚାଳନା ପାଇଁ ଏସ୍.ଏଚ୍.ଜି ଦ୍ୱାରା ନୀତିନୀୟମ ପ୍ରସ୍ତୁତ କରାଗଲା ।

ବିହନ ବ୍ୟାଙ୍କରେ କେତେ ପରିମାଣରେ ବିହନ ରହିବ, କେତେ ବିହନ ଲୋକ ମାନଙ୍କୁ ଦିଆଯିବ ତାହା କମିଟି ସ୍ଥିର କରିଥାଏ । ଆଦାୟ ବିହନ ସବୁକୁ ଏସ୍.ଏଚ୍.ଜି.ର ସଭ୍ୟା ମାନଙ୍କ ମଧ୍ୟରେ ବଣ୍ଟନ କରାଯାଇଥାଏ । ବଳକା ବିହନ ସଭ୍ୟା ମାନଙ୍କର ସମ୍ମତି ନେଇ ଅନ୍ୟ ଗ୍ରାମବାସୀମାନଙ୍କୁ ଦିଆଯାଇଥାଏ । ବିହନ ଆଦାୟ କରିବା ଦାୟିତ୍ୱ ସଭ୍ୟାମାନଙ୍କର ଏବଂ ସେମାନେ ବିହନ ଆଦାୟ କରି ବିହନ ବ୍ୟାଙ୍କକୁ ଠିକ ଭାବରେ ଚଳାଇଥାନ୍ତି । ବିହନ ବ୍ୟାଙ୍କର ଦେଣନେଣ ହିସାବ ପାଇଁ ରେକର୍ଡପତ୍ର ଲେଖା ବିଷୟରେ ସଭ୍ୟାମାନେ ତାଲିମ ନେଇଛନ୍ତି ଓ ରେକର୍ଡ ରଖୁଛନ୍ତି । ବିହନ ବିକ୍ରିରୁ ଆଦାୟ ଅର୍ଥ ଏସ୍.ଏଚ୍.ଜି ପାଣ୍ଠିରେ ଜମା ରହୁଛି । କମିଟି ଦେଶୀ ପଦ୍ଧତି ହିସାବରେ ୧ କିଲୋ ଜନା ବା ମକା ବିହନ ପାଇଁ ୧.୫ କିଲୋ ବିହନ ସଂଗ୍ରହ କରୁଛନ୍ତି । କମିଟି ଡାଲି ଜାତୀୟ ଓ ଅନ୍ୟାନ୍ୟ ବିହନ ରଖିବାକୁ ମଧ ଯୋଜନା କରୁଛନ୍ତି ।

## ପାରଂପରିକ କୌଶଳ

| ଫସଲ | ପାରଂପରିକ ପଦ୍ଧତି |
|---|---|
| ମକା<br>ଜନା<br>ସୋର୍‌ଗମ<br>ରାଶି<br>ସୋରିଶ<br>ତାରାମିରା | ଭଲ କେଣ୍ଡା ସଂଗ୍ରହ<br>କେଣ୍ଡା ଗୁଡ଼ିକୁ ୮ରୁ ୧୦ ଭାଗ ଆର୍ଦ୍ରତା ରହିବା ପର୍ଯ୍ୟନ୍ତ ଖରାରେ ଶୁଖାଇବା<br>ଶୁଖା କେଣ୍ଡା ଗୁଡ଼ିକୁ ନିମ୍ବପତ୍ର ଓ ପାଉଁଶରେ ଗୋଳାଇବା<br>ସେଗୁଡ଼ିକୁ ଦେଶୀ ଉପାୟରେ ପୋଡୁଗ ବାନ୍ଧି ରଖିବା |
| ସୋୟାବିନ୍ ମଞ୍ଜି<br>ଧାନ<br>ରାଲିଧାନ | ବଡବଡ ଭଲ ଶସ୍ୟ ଥିବା କେଣ୍ଡା ସଂଗ୍ରହ କରି ଶୁଖାଇବା<br>ଶୁଖା କେଣ୍ଡା ଗୁଡ଼ିକୁ ନିମ୍ବପତ୍ର ଓ ପାଉଁଶରେ ଗୋଳାଇବା<br>ସେଗୁଡ଼ିକୁ ଦେଶୀ ଉପାୟରେ ପୋଡୁଗ ବାନ୍ଧି ରଖିବା |
| ବିରି<br>ମୁଗ<br>ଚଣା | ବଡବଡ ଭଲ ମଞ୍ଜି ଥିବା କେଣ୍ଡା ସଂଗ୍ରହ କରି ଶୁଖାଇବା<br>ଶୁଖା କେଣ୍ଡା ଗୁଡ଼ିକୁ ନିମ୍ବପତ୍ର ଓ ପାଉଁଶରେ ଗୋଳାଇବା<br>ସେଗୁଡ଼ିକୁ ଦେଶୀ ଉପାୟରେ ପୋଡୁଗ ବାନ୍ଧି ରଖିବା |

## ଶସ୍ୟ ସାଇତିବା ପଦ୍ଧତି

ମହିଳାମାନେ ସେମାନଙ୍କର ପାରଂପରିକ ଶସ୍ୟ ସଂରକ୍ଷଣ ପ୍ରଣାଳୀ ଅବଲମ୍ବନ କରିଥାନ୍ତି । ଉଦାହରଣ ସ୍ୱରୁପ ଆମ୍‌ଖୋ ଗାଁରେ ସଭ୍ୟାମାନେ ଧଳା ମକା ବିହନ ପାଇଁ ସମୁଦାୟ କେଣ୍ଡାକୁ ସଂଗ୍ରହ କରି ରଖିଥାନ୍ତି ।

ଗାଁ ଲୋକମାନେ ସିଆଳି କାଠରେ ପାତ୍ର ତିଆରି କରିଥାନ୍ତି । ଏହାକୁ ଭିତରୁ ଓ ବାହାର ପଟୁ ନଡା, ମାଟି, ଗୋବରରେ ଲେପ ଦିଆଯାଏ । କେତେକ ଗାଁ ଲୋକ ଏଥିରେ ଛେଳି ମୁତ ମଧ ମିଶାଇଥାନ୍ତି ଯାହାକି କୀଟ ନିୟନ୍ତ୍ରଣ କରିଥାଏ । ୧୫ରୁ ୨୦ ଦିନ ମଧରେ ଶସ୍ୟ ସଂରକ୍ଷଣ ଡୋଲିଟି ପ୍ରସ୍ତୁତ ହୋଇଯାଏ । ବିହନର ପରିମାଣକୁ ଧରି ଡୋଲିର ଆକାର ଛୋଟ ବା ବଡ ହୋଇଥାଏ । ଡୋଲିରେ ଶୁଖିଲା ନିମ୍ବ ପତ୍ର ଆଚ୍ଛାଦନ କରାଯାଇଥାଏ । ୨୦୦୬ ମସିହା ଜୁନ୍ ମାସ ସୁଦ୍ଧା ୫୦ଟି ଗାଁରେ ୪୯ଟି ବିହନ ବ୍ୟାଙ୍କ ସ୍ଥାପିତ ହୋଇପାରିଛି । ଏଗୁଡ଼ିକ ଯେଉଁ ସଭ୍ୟା ମାନଙ୍କର ବିହନ ସାଇତିବା ପାଇଁ ଘରର ସୁବିଧା ଅଛି ସେଠାରେ ସ୍ଥାପନ କରାଯାଇଛି । ଏହାଦ୍ୱାରା ୬୩ଟି ଏସ୍.ଏଚ୍.ଜିର ୭୫୦ ଜଣ ମହିଳା ଉପକୃତ ହୋଇ ପାରୁଛନ୍ତି ଓ ସମୁଦାୟ ୧୦.୨୨୩ କିଲୋ ବିଭିନ୍ନ ବିହନ ସଂଗ୍ରହ କରାଯାଇ ପାରିଛି । ଏହି ବ୍ୟାଙ୍କରେ ଏସ୍.ଏଚ୍.ଜି ସଭ୍ୟା ମାନଙ୍କର ଚାଷ ଆବଶ୍ୟକତାକୁ ଧରି ମକା, ଜହ୍ନା, ମୁଗ, ଚଣା, ଧନିଆ, ରାଶି, ଚିନା ବାଦାମ ଓ ଧାନ ଆଦି ବିହନ ମାନ ରଖାଯାଇଛି ।

## ଏହାର ପ୍ରଭାବ

ବିହନ ବ୍ୟାଙ୍କ ପ୍ରତିଷ୍ଠା ଦ୍ୱାରା ଲୋକମାନେ ଉନ୍ନତ ମାନର ବିହନ ବୁଣା ସମୟରେ ପାଇପାରୁଛନ୍ତି ଓ ଅମଳରେ ଉନ୍ନତି ଆଣିପାରିଛନ୍ତି । ବିହନ ବ୍ୟାଙ୍କ ପ୍ରତିଷ୍ଠା ପୂର୍ବରୁ ୨୦ ଜଣରୁ ମାତ୍ର ୧୫ ଜଣ ଚାଷୀ ଚାଷ କରିପାରୁଥିଲେ । କିନ୍ତୁ ଏବେ ବିହନ ମିଳିବାର ନିଶ୍ଚିତତା ଯୋଗୁଁ ସମସ୍ତେ ଚାଷ କରିବାକୁ ସକ୍ଷମ ହେଉଛନ୍ତି । ଠିକ୍ ସମୟରେ ବିହନ ମିଳିବା ଯୋଗୁଁ ଚାଷ ଅଞ୍ଚଳ ବୃଦ୍ଧି ପାଇଛି ଓ ତଦନୁଯାୟୀ ଅମଳ ଏବଂ ରୋଜଗାର ବଢ଼ିଛି । ବିହନ ବ୍ୟାଙ୍କ ତରଫରୁ ଫସଲ ବୀମାର ସୁବିଧା ମଧ କରାଯାଇଛି । ଏପରିକି ମରୁଡ଼ି ସମୟରେ ମଧ ଚାଷ ପାଇଁ ବିହନ ମିଳି ପାରୁଛି ଯାହା ପୂର୍ବରୁ ହୋଇପାରୁ ନଥିଲା ।

ବିହନ ବ୍ୟାଙ୍କ ହେବା ପୂର୍ବରୁ ସାହପୁର ଗାଁର ଚାଷୀମାନେ ବଜାରରୁ କଳା କିସମର ବିହନ କିଣୁଥିଲେ କିମ୍ବା ଅନ୍ୟଠାରୁ ମାଗି ଆଣୁଥିଲେ । ଏହା ବର୍ତ୍ତମାନର ଧଳା କିସମ ବିହନ ପରି ଉନ୍ନତ ମାନର ବା ପରିପୁଷ୍ଟ ନଥିଲା । ଧଳା କିସମ ବିହନ ଚାଷରେ କମ୍ ପାଣି ଆବଶ୍ୟକ କରିଥାଏ । ଏବେ ଗାଁର ସମସ୍ତ ଚାଷୀ ବିହନ ବ୍ୟାଙ୍କର ବିହନ ବ୍ୟବହାର କରୁଛନ୍ତି । ଏହି ପ୍ରକ୍ରିୟାକୁ ଅନୁସରଣ କରି ଚାଷୀମାନେ ଗହମ ବିହନ ବ୍ୟାଙ୍କ ମଧ ସ୍ଥାପନ କରିଛନ୍ତି, ଯାହାଫଳରେ ଗାଁରେ ବିହନ ସୁରକ୍ଷା ସମ୍ଭବ ହୋଇପାରିଛି । ଏହାଛଡା ପଶୁଖାଦ୍ୟ ଉତ୍ପାଦନ ମଧ ବିଶେଷ ଭାବେ ବୃଦ୍ଧି ପାଇଛି । ବିହନ ଚୟନ ଓ ସଂରକ୍ଷଣରେ ସଫଳତା ପରେ ନିହାଲ ଦେବୀ ସ୍ୱୟଂ ସହାୟିକା ଦଳ ଗାଁରେ ନୂଆକରି ସୋୟାବିନ ଚାଷ ପାଇଁ ଯୋଜନା କରିଛି ।

ବିହନ ବ୍ୟାଙ୍କ ପରିଚାଳନାରେ ଥିବା ସମସ୍ତ ଅସୁବିଧା ସଂପର୍କରେ ଦଳ ସଭ୍ୟାମାନେ ମଧ ବିଶେଷ ଅବଗତ ଅଛନ୍ତି । ଥରକୁ ଥର ମରୁଡ଼ି ଓ ଦୁର୍ଭିକ୍ଷ ପାଇଁ ଫସଲ ହାନୀ ଘଟିବା ଯୋଗୁଁ ଉନ୍ନତ ମାନର ବିହନ ଆଦାୟ କଷ୍ଟକର ହେଉଥିବା ବେଳେ ସେସବୁ ବିହନର ଗୁଣ ଓ ମାନ ବଜାୟ ରଖିବା ସେମାନଙ୍କ ପାଇଁ ଏବେ ଗୁରୁତ୍ୱପୂର୍ଣ୍ଣ ହୋଇଛି ।

*ଉତ୍ସ -ଲେଇସା ଇଣ୍ଡିଆ, ବର୍ଷ- ୯, ସଂଖ୍ୟା-୩, ଜୁନ୍ ୨୦୦୯*

**ଡଃ. ବୀଣା ବିଦ୍ୟାଧରନ୍ ଓ ଡଃ. ମନୋଜ କୁମାର ତିୱାରୀ**
ସି.ଇ.ସି.ଓ.ଇ.ଡି.ଇ.ସି.ଓ.ଏନ୍, ଏଫ୍ – ୧୫୯-୧୬୦
ଇନ୍‌ଷ୍ଟିଚ୍ୟୁନାଲ୍ ଏଣ୍ଡ ଇଣ୍ଡଷ୍ଟ୍ରିଆଲ୍ ଏରିଆ
ସିତାପୁରା – ୩୦୨୦୨୨, ଜୟପୁର, ଭାରତ
Email: cecoedecon@gmail.com
www.cecoedecon.org

# ପାରଂପରିକ ପଦ୍ଧତିରେ ପଶୁ ସ୍ୱାସ୍ଥ୍ୟ ସୁରକ୍ଷା

## ଗଙ୍ଗାଧର ନାୟକ

ଓଡିଶାର କନ୍ଧମାଳ ଜିଲ୍ଲାର ୬୦ ପ୍ରତିଶତ ଅଞ୍ଚଳ ଜଙ୍ଗଲ ଆଚ୍ଛାଦିତ ଏବଂ ଏଠାରେ ମୁଖ୍ୟତଃ କନ୍ଧ ଜନଜାତି ଓ ଅନୁସୂଚୀତ ଜାତିର ଲୋକମାନେ ବସବାସ କରନ୍ତି । ଜିଲ୍ଲାର ମାତ୍ର ୪.୪୮% ଜମି ଜଳସେଚିତ । ଫସଲ ଅମଳ ହାର ମଧ ବହୁତ କମ୍ । ତେଣୁ ଜୀବିକା ପାଇଁ ଲୋକମାନେ ଜଙ୍ଗଲ ଉପରେ ଅଧିକ ନିର୍ଭରଶୀଳ । ଜିଲ୍ଲାରେ ଗୃହପାଳିତ ପଶୁପକ୍ଷୀଙ୍କ ସଂଖ୍ୟା ବହୁତ କିନ୍ତୁ ସେମାନଙ୍କର ସ୍ୱାସ୍ଥ୍ୟରକ୍ଷା ଓ ଚିକିତ୍ସା ଅତି ଅବହେଳିତ । ଦୂରଦୂରାନ୍ତ ଆଦିବାସୀ ଗାଁ ଗୁଡିକରେ ସରକାରୀ ପଶୁଚିକିତ୍ସା ସେବା ଠିକ୍ ଭାବେ ପହଞ୍ଚି ପାରେନାହିଁ । ତେଣୁ ଚାଷୀମାନେ ନିଜ ହିସାବରେ ପାରଂପରିକ ପଦ୍ଧତିରେ ପଶୁରୋଗର ଚିକିତ୍ସା କରିଥାନ୍ତି ।

ଏହି ଅଞ୍ଚଳର ପଶୁପକ୍ଷୀଙ୍କ ଦୁଇ ପ୍ରମୁଖ ରୋଗ ହେଲା କ୍ଷତ ସ୍ଥାନରେ ପୋକ ହୋଇଯିବା ଓ ଉକୁଣିଆ ପୋକ ହେବା । ଏହି ଦୁଇ ରୋଗକୁ ଚିକିତ୍ସା କରିବା ପାଇଁ ଆଦିବାସୀ ମାନଙ୍କର ନିଜସ୍ୱ ପାରଂପରିକ ପଦ୍ଧତି ଅଛି । ଜିଲ୍ଲାର ଜି.ଉଦୟଗିରି ଠାରେ ଥିବା କନ୍ଧମାଳ କୃଷି ବିଜ୍ଞାନ କେନ୍ଦ୍ର କ୍ଷତ ସ୍ଥାନରେ ପୋକ ହୋଇଯିବା ଓ ଉକୁଣିଆ ପୋକ ଚିକିତ୍ସା ଦିଗରେ ଥିବା ପାରଂପରିକ ବୈଷୟିକ ଜ୍ଞାନ କୌଶଳର କ୍ଷେତ୍ର ସ୍ତରୀୟ ପ୍ରାମାଣିକ ପରୀକ୍ଷଣ କରିଥିଲେ ।

### କ୍ଷେତ୍ର ସ୍ତରୀୟ ପ୍ରାମାଣିକ ପରୀକ୍ଷଣ

କ୍ଷତ ସ୍ଥାନରେ ପୋକ ହୋଇଯିବା ରୋଗ ଚିକିତ୍ସା ପାଇଁ ଜଙ୍ଗଲୀ କୋଲୋକାସିଆ (colocasia) ବ୍ୟବହାରର ଯଥାର୍ଥତା ପରୀକ୍ଷଣ ପାଇଁ ଜି.ଉଦୟଗିରି ନିକଟସ୍ଥ ଦୁଇଟି ଗାଁ ତେଲିଙ୍ଗିଆ ଓ ଗସାଗୁଡାକୁ ବଛାଗଲା । କ୍ଷତ ସ୍ଥାନରେ ପୋକ ହୋଇଯିବା ରୋଗ ସାଧାରଣତଃ ବର୍ଷାଦିନରେ ହୋଇଥାଏ । ମୌସୁମୀ ବର୍ଷା ଆରମ୍ଭରେ (ଜୁନ୍ ପ୍ରଥମ ସପ୍ତାହ) ମାଛି ସଂଖ୍ୟା ବହୁ ପରିମାଣରେ ବୃଦ୍ଧି ପାଇଥାଏ । ଦେହରେ ଟିକେ କଟିଗଲେ ବା ଖଣ୍ଡିଆ ହୋଇଗଲେ ଏହା ମାଛିମାନଙ୍କୁ ଆକୃଷ୍ଟ କରିଥାଏ ଓ ମାଛି ମାନେ ସେଥିରେ ଅଣ୍ଡା ଦେଇଥାନ୍ତି ଓ ଲାର୍ଭା ସୃଷ୍ଟି ହୋଇଥାନ୍ତି । ଲାର୍ଭା ଗୁଡିକର ରକ୍ତ, ମାଂସ ଓ ପେଶୀର ଟିସୁ ଖାଇ ବଢିଥାନ୍ତି । ଯଦ୍ୱାରା କ୍ଷତ ଗୁଡିକର ଆକାର ବୃଦ୍ଧି ହୋଇଥାଏ ଏବଂ ଉପଯୁକ୍ତ ଚିକିତ୍ସା ନପାଇଲେ ସଂକ୍ରମିତ ଅଂଗକୁ ଅକାମି କରି ଦେଇଥାଏ ।

ଏହି ପ୍ରଭାବିତ ପଶୁମାନଙ୍କୁ ତିନି ଭାଗରେ ବିଭକ୍ତ କରାଯାଇଥାଏ । ଏହି ତିନିଭାଗର ରୋଗ ପାଇଁ କରାଯାଉଥିବା ଚିକିତ୍ସା ପଦ୍ଧତି ଗୁଡିକ ହେଲା (୧) କୋଲୋକାସିଆ ମଣ୍ଡ ଲେପ ଦେବା (କୋଲୋକାସିଆ ମଣ୍ଡ ପ୍ରସ୍ତୁତ କରି କ୍ଷତ ସ୍ଥାନରେ ଦିନକୁ ଥରେ ୪ରୁ୫ ଦିନ ଯାଏ ଦେବାକୁ ହେବ) (୨) ହାଇମାକ୍ସ ଅଏଣ୍ଟମେଣ୍ଟ୍ ଲଗାଇବା (୩) କୌଣସି ଚିକିତ୍ସା ବିନା ନିୟନ୍ତ୍ରଣ କରିବା । ପରୀକ୍ଷଣରୁ ଦେଖାଯାଇଥିଲା ଯେ, କୋଲୋକାସିଆ ମଣ୍ଡ ଲେପର ଚିକିତ୍ସା ଅଧିକ ଫଳପ୍ରଦ ହେଉଛି । କୋଲୋକାସିଆ ମଣ୍ଡ ଲେପ ଦିଆଯାଇଥିବା ପ୍ରାୟ ସମସ୍ତ ପଶୁ ଭଲ ହୋଇଯାଇଥିଲେ ଏବଂ ଏହା ହାଇମାକ୍ସ ଅଏଣ୍ଟମେଣ୍ଟ୍ ଠାରୁ ମଧ ଅଧିକ ସୁଫଳ ଦେଇଥିଲା ।

ଦ୍ୱିତୀୟ କ୍ଷେତ୍ର ପରୀକ୍ଷଣ ହୋଇଥିଲା ଉକୁଣିଆ ପୋକର ଦମନ ପାଇଁ କିସିମଲାଙ୍ଗ ଚେର ବ୍ୟବହାରକୁ ନେଇ । କନ୍ଧମାଳର ପଶୁପକ୍ଷୀଙ୍କ ଦେହରେ ଉକୁଣି, ଚମ ଉକୁଣି, ଟିକି ବୁଢିଆଣି ଆଦି ଉକୁଣିଆ ପୋକ ହୋଇଥାନ୍ତି । ସାଧାରଣତଃ ପଶୁପକ୍ଷୀ ବସନ୍ତ ଋତୁ (ଫେବୃଆରୀ ରୁ ଅପ୍ରେଲ) ରେ ଏହି ରୋଗରେ ଆକ୍ରାନ୍ତ ହୋଇଥାନ୍ତି ଓ ଏହା ଗ୍ରୀଷ୍ମ ଋତୁ ( ଜୁନ୍ ମାସ) ପର୍ଯ୍ୟନ୍ତ ରହେ । ଚାଷୀମାନେ ଏହାର ଚିକିତ୍ସା ପାଇଁ କିସିମଲାଙ୍ଗ ନାମକ ଏକ ପ୍ରକାର ଗୁଳ୍ମର ମୂଳ ବ୍ୟବହାର କରିଥାନ୍ତି । ଏହି ଗୁଳ୍ମ ପାହାଡିଆ ଅଞ୍ଚଳର ନଦୀ ଓ ଝରଣା କୂଳରେ ସାଧାରଣତଃ ବହୁଳ ଭାବରେ ଦେଖାଯାଇଥାଏ । ଏହାର ମୂଳକୁ ତାଡି ଅଣାଯାଏ ଏବଂ ପାଣିରେ ଭଲଭାବରେ ଧୋଇ ଲାଗିଥିବା ମାଟିସବୁ ଛଡାଇ ଦିଆଯାଏ । ମୁଠାଏ ଚେରକୁ ଛେଚି ଦେଇ ଏକ ପାଣି ପାତ୍ରରେ ତିନି ଚାରି ଦିନ ପାଇଁ ଭିଜାଇ ଦିଆଯାଏ । କେହି କେହି ଚାଷୀ ଏହାକୁ ୭ ଦିନ ଯାଏ ମଧ ଭିଜାଇ ରଖନ୍ତି । ଏହାପରେ ଏହି ପାଣିକୁ ଏକ କପଡା ସାହାଯ୍ୟରେ ପଶୁର ଦେହ ସାରା (ଆଖିକୁ ଛାଡି) ବୋଳି ଦିଆଯାଏ । ସଂପୂର୍ଣ୍ଣ ଉକୁଣି ମାରିବା ପାଇଁ ତିନି ଦିନ ପରେ ଦ୍ୱିତୀୟ ଥର ପୁଣି ଲଗାଇବା ଆବଶ୍ୟକ ।

କୃଷି ବିଜ୍ଞାନ କେନ୍ଦ୍ର ୨୦୦୫ ଓ ୨୦୦୬ ମସିହାରେ ଏହି ପାରଂପରିକ ଚିକିତ୍ସା ପଦ୍ଧତିର କ୍ଷେତ୍ର ପରୀକ୍ଷଣ କରିଥିଲେ । ତୁମୁସିଙ୍ଗିଆ ଓ ବେରେଙ୍ଗୁଡା ଗାଁର ୨୩ ଜଣ ଚାଷୀ ଏଥିପାଇଁ ମନୋନୀତ ହୋଇଥିଲେ । ଚିକିତ୍ସାର ମାତ୍ରା ମପାଯାଇଥିଲା । ଦେଖାଯାଇଥିଲା ଯେ, ଗୋଟିଏ ଥରରେ ସମସ୍ତ ଉକୁଣିଆ ପୋକ ମରିଯାଇଛନ୍ତି ଏବଂ ଦ୍ୱିତୀୟ ଥର ଦେବାକୁ ପଡିନାହିଁ । ଏପରିକି ଏହି ପାଣି ଗୁହାଳକାନ୍ଥର କଣା ଓ ଫାଙ୍କ ଆଦିରେ ପକାଯିବା ଦ୍ୱାରା ଉକୁଣିଆ ପୋକ ମଧ ହ୍ରାସ ପାଉଛନ୍ତି । ଏହି ଚିକିତ୍ସା ପଦ୍ଧତିରେ କୌଣସି କୁପ୍ରଭାବ ପରିଲକ୍ଷିତ ହେଉନାହିଁ । କ୍ଷେତ୍ର ପରୀକ୍ଷଣରୁ ଜଣାଗଲା ଯେ, କ୍ଷତ ସ୍ଥାନରେ ପୋକ ହୋଇଯିବା ଓ ଉକୁଣିଆ ପୋକ ହେବା ରୋଗର ଚିକିତ୍ସା ରାସାୟନୀକ କୀଟନାଶକ ପ୍ରୟୋଗ ନକରି ଜୈବିକ ଉପାୟରେ ସଫଳ ଭାବେ କରିହେବ ।

*ଉତ୍ସ -ଲେଇସା ଇଣ୍ଡିଆ, ବର୍ଷ- ୯, ସଂଖ୍ୟା-୪, ୨୦୦୭*

**ଗଙ୍ଗାଧର ନାୟକ**

ସହକାରୀ ଅଧ୍ୟାପକ ଓ ଏସ୍.ଏମ୍.ଏସ୍.(ପଶୁବିଜ୍ଞାନ)
କୃଷି ବିଜ୍ଞାନ କେନ୍ଦ୍ର , ଜି.ଉଦୟଗିରି – ୭୬୨୦୦୧, କନ୍ଧମାଳ, ଓଡିଶା,

# ମହିଳାମାନେ ସେମାନଙ୍କର ଖାଦ୍ୟ ନିରାପତ୍ତା ଓ ସାର୍ବଭୌମତ୍ୱର ସୁରକ୍ଷା କଲେ

**ନରେଶ ଯାଦବ ଓ ପଲ୍ଲବି ସୋବ୍‌ତି ରାଜପାଲ**

ସତୁରୀ ଭାଗ ଆଦିବାସୀ ଲୋକସଂଖ୍ୟା ଥିବା ଦାହୋଦ୍ ଜିଲ୍ଲାର ଧାନପୁର ବ୍ଲକ ଏକଦା ଏକ ଆତ୍ମନିର୍ଭରଶୀଳ ଅଞ୍ଚଳ ଥିଲା । ନବେ ଦଶକର ମଧଭାଗରୁ ଏହି ଅଞ୍ଚଳର କୃଷିରେ ବହୁଳ ରାସାୟନିକ ସାର ଔଷଧର ପ୍ରୟୋଗ, ଶଙ୍କର କିସମର ବିହନ ଚାଷ ଯୋଗୁଁ ଜଳର ବ୍ୟବହାର ପରିମାଣ ବୃଦ୍ଧି, ମାଟିର ଉର୍ବରତା ହ୍ରାସ ଓ ଚାଷରେ ଅଧିକ ଖର୍ଚ୍ଚ କୃଷିବ୍ୟବସ୍ଥାକୁ ଅନିଶ୍ଚିତ କରିଦେଲା । କୃଷିରେ ଉତ୍ପାଦନ ହ୍ରାସ, ପ୍ରାକୃତିକ ସଂବଳ ଗୁଡିକର ଅବକ୍ଷୟ, ଜଙ୍ଗଲ ନଷ୍ଟ ଲୋକମାନଙ୍କ ଜୀବିକା ଓ ଖାଦ୍ୟ ନିରାପତ୍ତାକୁ ବିପନ୍ନ କରିବା ସହ ସେମାନଙ୍କୁ ଦାଦନ ଓ ଦେଶାନ୍ତରୀ ହେବାକୁ ବାଧ କଲା । ବର୍ତ୍ତମାନ ଧାନପୁର ବ୍ଲକ୍ ଏକ ଅଭାବ ଓ ଦୁଃଖପୂର୍ଣ୍ଣ ଅଞ୍ଚଳ ଭାବରେ ପରିଚିତ । କୃଷିରେ ବାହାର ବ୍ୟବସାୟୀ ମାନଙ୍କର ହସ୍ତକ୍ଷେପ ଯୋଗୁଁ ଏଥିରୁ ସ୍ଥାନୀୟ ଲୋକଙ୍କ ଚାହିଦା ଓ ଆବଶ୍ୟକତା ମେଣ୍ଟୁନାହିଁ । ବିଶେଷ କରି ପାରଂପରିକ ସଂସ୍କୃତି, ସ୍ୱାଧୀନତା ଓ ଚଳଣୀର ଅବକ୍ଷୟ ସାଙ୍ଗକୁ ଅନୁପଯୋଗୀ ସରକାରୀ ନୀତି ନିଷ୍ପତ୍ତି ଚାଷକୁ ବାହ୍ୟ ନିର୍ଭରଶୀଳ କରି ଦେଇଛି ।

ଏହି ପରିବର୍ତ୍ତିତ ପରିସ୍ଥିତିରେ ମହିଳାମାନେ ବିଶେଷ ଭାବରେ ପ୍ରଭାବିତ ହୋଇଛନ୍ତି । ପ୍ରାକୃତିକ ସଂପଦ ଓ ସାଂସ୍କୃତିକ ଅବକ୍ଷୟ ଯୋଗୁଁ ସେମାନଙ୍କ ଉପରେ ଚାପ ବଢ଼ିଯାଇଛି । ପାନୀୟ ଜଳ, ପଶୁଖାଦ୍ୟ ଓ ଜାଳେଣୀ କାଠ ସଂଗ୍ରହ ଆଦି ଦିଗରେ ଆଦିବାସୀ ମହିଳା ମାନଙ୍କ କାମବୋଝ ବଢ଼ିଯାଇଛି । ପାନୀୟ ଜଳ, ପଶୁଖାଦ୍ୟ ଓ ଜାଳେଣୀ କାଠ ସଂଗ୍ରହ ପାଇଁ ସେମାନଙ୍କୁ ବହୁତ ଦୂର ଯିବାକୁ ପଡୁଛି ଏବଂ ବହୁ ଶ୍ରମ ଓ ସମୟ ନଷ୍ଟ କରିବାକୁ ପଡୁଛି ଓ ଏହା ସେମାନଙ୍କର ସ୍ୱାସ୍ଥ୍ୟହାନୀ କରୁଛି । ଦାରିଦ୍ର୍ୟର ବୋଝ ଓ ପାରଂପରିକ ସଂସ୍କୃତିର ଅବକ୍ଷୟ ଆଦିବାସୀ ମହିଳାମାନଙ୍କ ସାମାଜିକ ପ୍ରତିଷ୍ଠାକୁ ହ୍ରାସ କରିଛି । ଚିରାଚରିତ ମନୋବୃତ୍ତି ଓ କାମର ବୋଝ ସେମାନଙ୍କୁ ସଶକ୍ତିକରଣ ପକ୍ରିୟାରେ ଭାଗନେବାରେ ପ୍ରତିବନ୍ଧକ ସୃଷ୍ଟି କରିଛି, ଯାହା ଫଳରେ ସେମାନଙ୍କର ଆତ୍ମବଳ ଓ ସାହାସ ହ୍ରାସ ପାଉଛି ।

ଜୈବବିବିଧତାର ସୁରକ୍ଷା ପ୍ରକ୍ରିୟାରେ ମହିଳାମାନଙ୍କ ଜୀବିକା ନିରାପତ୍ତାରେ ଉନ୍ନତି ଆଣିବା ପାଇଁ ବନିତା ଶକ୍ତି ମହିଳା ସଂଗଠନ ଦ୍ୱାରା ବହୁ ସଂଖ୍ୟାରେ ଆଦିବାସୀ ମହିଳାମାନଙ୍କୁ ସଂଗଠିତ କରାଗଲା । "ଉତ୍‌ଥାନ" ନାମକ ଏକ ବେସରକାରୀ ସଂଗଠନ ଏହାକୁ ସହଯୋଗ କଲା । ଏହାର ମୁଖ୍ୟ ଉଦ୍ଦେଶ୍ୟ ଥିଲା ମହିଳାମାନଙ୍କର ମାଲିକାନା ଓ ପରିଚାଳନାରେ ବିଭିନ୍ନ ରୋଜଗାର ପନ୍ଥା କରି ରୋଜଗାରରେ ଉନ୍ନତି କରିବା, କାମର ବୋଝ ହ୍ରାସ କରିବା ଓ ଅତିରିକ୍ତ ଆୟର ବ୍ୟବସ୍ଥା କରିବା ।

ମହିଳା ଦଳ ମାନଙ୍କର ସଂଘ ଗଠନ ମାଧମରେ ସରକାରୀ ଯୋଜନା ଜରିଆରେ ବିଭିନ୍ନ କାର୍ଯ୍ୟକ୍ରମ ମାନ ଗ୍ରହଣ କରିବା ସହ ଅଞ୍ଚଳର ମହିଳାମାନଙ୍କ ସମ୍ମାନ ଓ ଜୀବିକାରେ ଉନ୍ନତି ଆଣିବା ପାଇଁ ଯୋଜନା ପ୍ରସ୍ତୁତ କରାଗଲା । ଖାଦ୍ୟ ନିରାପତ୍ତା କାର୍ଯ୍ୟକ୍ରମ ପରିଚାଳନାର ନେତୃତ୍ୱ ନେବା ପାଇଁ ତିନୋଟି ପରିବେଶ କାର୍ଯ୍ୟଦଳ ଗଢ଼ାଗଲା । ପରିବେଶ କାର୍ଯ୍ୟଦଳ ଓ ସଂଘର କର୍ମକର୍ତ୍ତା ମାନଙ୍କୁ ବିଭିନ୍ନ ବିଷୟରେ ତାଲିମ ପ୍ରଦାନ କରାଗଲା । ଏହା ସେମାନଙ୍କ ନେତୃତ୍ୱ ବିକାଶ କରିବା ସହ ସଂଘକୁ ଏକ ଅନୁଷ୍ଠାନ ହିସାବରେ ଗଢ଼ିବାରେ ସହାୟକ ହେଲା । ଏହିପରି କାର୍ଯ୍ୟକ୍ରମ ହୋଇଥିବା ଅଞ୍ଚଳଗୁଡିକୁ ସେମାନଙ୍କୁ ପରିଦର୍ଶନରେ ନିଆଗଲା । ଏହି ଉଦ୍ୟମ ମହିଳା ମାନଙ୍କର ସାମର୍ଥ୍ୟ, ମନୋବଳ ଓ ସୂଚନା ଜ୍ଞାନ ବୃଦ୍ଧି କଲା । ଏଥିସହ ସଂଘ ମଧରେ ବିହନ, ପଶୁଖାଦ୍ୟ, ଜାଳେଣି ଆଦି ପାଇବା ପାଇଁ ଯୋଜନା ପ୍ରସ୍ତୁତି, କାର୍ଯ୍ୟକାରୀତା ଓ ଆଲୋଚନା ନିମନ୍ତେ ଏକ କାର୍ଯ୍ୟକାରୀ ପରିଷଦ ଗଠନ କରାଗଲା । ପରିବେଶ କାର୍ଯ୍ୟଦଳ, ଅଗ୍ରଣୀ ମହିଳା ସଭ୍ୟା ଓ ସଂଘର ପରିଚାଳନା ପରିଷଦ ସଭ୍ୟାମାନେ ସମୁଦାୟ ପ୍ରକ୍ରିୟାକୁ ଆଗେଇନେଲେ ।

## ମହିଳା ମାନଙ୍କ ମାଲିକାନା ଓ ପରିଚାଳିତ ଅନୁଷ୍ଠାନ - ପଶୁଖାଦ୍ୟ ବ୍ୟାଙ୍କ ଓ ବିହନ ବ୍ୟାଙ୍କ

ଏହି ସଂଘ ୩୦୦ଟି ପରିବାରକୁ ୩୭୫୦୦ କିଲୋ ସ୍ଥାନୀୟ ଭାଥୋଡି ଓ ଡାଙ୍ଗର ଜାତୀୟ ପଶୁଖାଦ୍ୟ ଯୋଗାଇବାରେ ସକ୍ଷମ ହୋଇ ପାରିଲା । କମ୍ ପାଣିରେ ଓ ଜମିହୁଡାରେ ହେଉଥିବା ଭାଥୋଡି ଓ ବାଜ୍ରି ଜାତୀୟ ପଶୁଖାଦ୍ୟ ୬୫ଟି ପ୍ରଦର୍ଶନୀ କ୍ଷେତରେ ଉତ୍ପାଦନ କରାଗଲା । ଏହି ଉଦ୍ୟମ ଯୋଗୁଁ ମହିଳା ମାନେ ଜମି ପାଖରେ ପଶୁଖାଦ୍ୟ ପାଇପାରିଲେ । ପଶୁଖାଦ୍ୟ ମିଳିବା ଯୋଗୁଁ ସେମାନେ ସରକାରୀ ପଶୁ ବିକାଶ ଯୋଜନାରେ ସାମିଲ ହେବାକୁ ସାହସ କଲେ ଏବଂ ନିଜର ଆୟବୃଦ୍ଧି କରି ପାରିଲେ । ଭି.ଏସ୍.ଏମ୍.ଏସ୍ ଓ ଉତ୍‌ଥାନ ତରଫରୁ ୩ଟି ଗାଁରେ ବ୍ୟବସାୟୀକ ଭାବେ ପଶୁଖାଦ୍ୟ ଉତ୍ପାଦନ କରୁଥିବା ଚାଷୀ ମାନଙ୍କୁ ଜୈବିକ ଚାଷ କରିବା ପାଇଁ ପ୍ରୋତ୍ସାହିତ କରାଗଲା । ଏହି ପ୍ରକ୍ରିୟା ଜଙ୍ଗଲରୁ ପଶୁଖାଦ୍ୟ ସଂଗ୍ରହର କଷ୍ଟ ଓ ପ୍ରତିଦ୍ୱନ୍ଦିତାକୁ କମ୍ କରିବା ସହ ଦାରିଦ୍ର୍ୟ ହ୍ରାସ, ରୋଜଗାର ଅଭିବୃଦ୍ଧି ଓ ପଶୁଜନ୍ତୁ ମାନଙ୍କର ପୁଷ୍ଟିଯୁକ୍ତ ଖାଦ୍ୟରେ ଉନ୍ନତି ଆଣିଲା ।

ଗତ ତନି ବର୍ଷ ମଧରେ ଦାହୋଡ ଜିଲ୍ଲାର ୪୨ଟି ଗାଁକୁ ନେଇ ହୋଇଥିବା ୩ଟି ଅଞ୍ଚଳରେ ୩ଟି ପଶୁଖାଦ୍ୟ ବ୍ୟାଙ୍କ ଓ ୩ଟି ବିହନ ବ୍ୟାଙ୍କ ସ୍ଥାପିତ ହୋଇଛି । ଏହି ବ୍ୟାଙ୍କ ସ୍ଥାପନ ପାଇଁ

ମହିଳାମାନଙ୍କ ଦ୍ୱାରା ସ୍ଥାନ ନିରୂପଣ, ବାଧା ବିଘ୍ନ ଆକଳନ, ପାରଂପରିକ ଓ ସ୍ଥାୟୀ ଶସ୍ୟ ସାଇତିବା ପ୍ରଣାଳୀ ଉପରେ ବିଶେଷ ଆଲୋଚନା ହୋଇଥିଲା । ଦରକାର ସମୟରେ ପଶୁଖାଦ୍ୟ ଓ ବିହନ କିଣିବାକୁ ସକ୍ଷମ ନଥିବା ପରିବାର ଗୁଡିକୁ ସହାୟତା ଦେବା ଏହାର ମୁଖ୍ୟ ଉଦ୍ଦେଶ୍ୟ ଥିଲା । ବିରି, ଗହମ, ଡାଲି, ମକା ଓ ମୁଗ ଆଦି ଦେଶୀ ବିହନ ୪୦୦ ପରିବାରକୁ ଯୋଗାଇ ଦିଆଯାଇ ପାରିଲା । ଏଥିରୁ ବହୁ ପରିମାଣର ବିହନ ମଧ ଆଦାୟ କରାଯାଇ ପାରିଲା । ମହିଳା ସଂଘ ସହ ଜଡିତ ମହିଳା ମାନେ ଜୈବିକ ଖତସାର ଓ ଜିଆଖତ ଦେଇ ଏସବୁ ଚାଷ କରୁଥିବାରୁ ପ୍ରାୟ ୭୦% ବିହନ ଜୈବିକ ଥିଲା । ଆଭ୍ୟନ୍ତର ଗାଁରୁ କଳାମୁଗ ନାମକ ଏକ ସ୍ୱତନ୍ତ୍ର ପ୍ରଜାତିର ଦେଶୀ ବିହନ ଅଧିକ ଦରରେ ସଂଗ୍ରହ କରାଗଲା । ୪ଟି ପ୍ରଦର୍ଶନୀ କ୍ଷେତରେ ଏହାକୁ ଚାଷ କରି ଅମଳ ହୋଇଥିବା ୪୦ କିଲୋ ମୁଗକୁ ଚାଷୀମାନଙ୍କୁ ଦେବା ପାଇଁ ବିହନ ବ୍ୟାଙ୍କରେ ରଖାଗଲା । ଏହା ଚାଷୀ ମାନଙ୍କୁ ଋଣଗ୍ରସ୍ତତାରୁ ରକ୍ଷା କରିବା ସହ ଶଙ୍କର ଜାତୀୟ ବିହନ ଚାଷରୁ ଦେଶୀ ବିହନ ଚାଷ ପ୍ରତି ଆକୃଷ୍ଟ କଲା । ଏହାଦ୍ୱାରା ୬ଟି ପ୍ରଜାତିର ଦେଶୀ ବିହନ ମଧ ପୁନରୁଦ୍ଧାର ଓ ପ୍ରସାର କରାଯାଇ ପାରିଲା ।

## ଚିରନ୍ତନ କୃଷିରେ ଉନ୍ନତି

ଚିରନ୍ତନ କୃଷିକୁ ଅନୁସରଣ କରିବା ଏକ ସମୁଚିତ ବିକଳ୍ପ । ଶଙ୍କର ଜାତୀୟ ବିହନ ଛାଡି ଦେଶୀ ବିହନ ବ୍ୟବହାରକୁ ଗୁରୁତ୍ୱ ଦେବା ଦ୍ୱାରା ଏହା ସମ୍ଭବ ହୋଇପାରିବ । ଅଧିକ ପରିମାଣର ଭୂତଳ ଜଳର ବ୍ୟବହାର ଭବିଷ୍ୟତରେ ମରୁଡି ଓ ମରୁଭୂମିର ଅବସ୍ଥା ସୃଷ୍ଟିକରିବ ଏବଂ ସେମାନେ ଦେଶାନ୍ତରୀ ହେବାକୁ ବାଧ ହେବେ ବୋଲି ମହିଳା ମାନେ ସଚେତନ ହୋଇ ପାରିଛନ୍ତି । ଦେଶୀ ବିହନର ଉତ୍ପାଦନ ବୃଦ୍ଧି ଓ ବଜାର ଚାହିଦା ବଢାଇବା ପାଇଁ ମଧ ମହିଳା ମାନେ ପଦେକ୍ଷପ ଗ୍ରହଣ କରୁଛନ୍ତି ।

ଏହି ବର୍ଷ ଗୁଡିକ ମଧରେ ୨୨୫ଟି ପରିବାର ସଂପୂର୍ଣ୍ଣ ବା ଆଂଶିକ ଭାବେ ଜୈବିକ ଚାଷ କରୁଛନ୍ତି । ୨୪୦ ଜଣ ଜିଆଖତ ଏବଂ ଜୈବିକ ଔଷଧ ପ୍ରସ୍ତୁତି କରି ବ୍ୟବହାର କରୁଛନ୍ତି । ୧୮୦ଟି ଜିଆଖତ କୁଣ୍ଡରୁ ୨୭୦ ଏକର ଜମି ପାଇଁ ଖତର ବ୍ୟବସ୍ଥା ହୋଇ ପାରିଛି ଏବଂ ଚାଷୀମାନେ ଏହାକୁ ସ୍ଥାୟୀ ପ୍ରକ୍ରିୟା ଭାବେ ଆସନ୍ତା ୧୫ ବର୍ଷ ପର୍ଯ୍ୟନ୍ତ ନିଶ୍ଚୟ କରିବେ । ଜିଆଖତ ବ୍ୟବହୃତ ଏହି ୨୭୦ ଏକର ଜମିରେ ରାସାୟନିକ ସାର ଔଷଧ ବ୍ୟବହାର ନହେବା ଯୋଗୁଁ ପରିବେଶର ସୁରକ୍ଷା ହୋଇ ପାରିଛି । ଏହା ଦ୍ୱାରା ୪୦୫୦୦ କିଲୋ ରୁ ୧୦୮୦୦୦ କିଲୋ ଡି.ଏ.ପି ଏବଂ ୬୭୫୦୦ କିଲୋ ୟୁରିଆ ବ୍ୟବହାରକୁ ରୋକାଯାଇ ପାରିଛି । ଆର୍ଥିକ ଦୃଷ୍ଟିକୋଣରୁ ବିଚାର କଲେ ଏଥିପାଇଁ ଖର୍ଚ୍ଚବାବଦକୁ ୧୩,୭୩,୫୦୦ ଟଙ୍କା ଖର୍ଚ୍ଚ ରୋକାଯାଇପାରିଛି । ଏହା ଦ୍ୱାରା ଚାଷ ପାଇଁ ବର୍ଦ୍ଧିତ ଖର୍ଚ୍ଚ ସହ ଋଣଗ୍ରସ୍ତତାକୁ କମ୍ କରାଯାଇ ପାରିଛି । ରାସାୟନିକ ସାର ଔଷଧ ବ୍ୟବହାର ବନ୍ଦ ଯୋଗୁଁ ପରିବେଶ ପ୍ରଦୁଷଣ ମଧ କମ୍ କରାଯାଇ ପାରିଛି ।

## ଜାଳେଣୀର ଉପଲବ୍ଧତା

ମହିଳା ମାନେ ନର୍ସରୀ ସ୍ଥାପନ କରି ୩୮୦୦୦ ପର୍ଯ୍ୟନ୍ତ ଚାରା ଗଛ ସୃଷ୍ଟି କରି ପାରିଛନ୍ତି । ସେମାନେ ଅଶ୍ୱଗନ୍ଧା, ଅଁଳା, କାନ୍ଦ୍ଧି, ଶତାବରୀ ଓ ସାହିଜାନ ଆଦି ୫ଟି ଜାତିର ଔଷଧିୟ ବୃକ୍ଷର ସଂରକ୍ଷଣ ଓ ପ୍ରସାର କରି ପାରିଛନ୍ତି । ଏହାର ପ୍ରତି ବଦଳରେ ସଂଘ ତରଫରୁ ମହିଳାମାନଙ୍କୁ ସମ ପରିମାଣର ଜାଳେଣୀ କାଠ ଯୋଗାଇ ଦିଆଯାଇଛି । ସରକାରୀ ଯୋଜନା ସହାୟତାରେ ମହିଳା ଦଳ ଗୁଡିକ ୧୦ ଟି ଗାଁରେ ୫୦ ହେକ୍ଟର ଜମିରେ ୧ଲକ୍ଷ ଜାଳେଣି କାଠ ପ୍ରଜାତିର ବୃକ୍ଷ ରୋପଣ କରିଛନ୍ତି । ଏହି ବନୀକରଣରୁ ବାର୍ଷିକ ୫,୫୮,୦୦୦ କିଲୋ ଜାଳେଣୀ ମିଳିବ ବୋଲି ଆକଳନ କରାଯାଉଛି ଯାହାକି ୧,୨୪୦୦୦ ପରିବାରକୁ ୧୦ରୁ ୧୫ ବର୍ଷ ପର୍ଯ୍ୟନ୍ତ ଜାଳେଣି ସହାୟତା ଯୋଗାଇ ଦେବ । ୪ଟି ଗାଁରେ ଦେଶୀ ପ୍ରଜାତିର ଘାସ ଚାଷ ପାଇଁ ବ୍ୟବସ୍ଥା କରାଯାଇଛି । ଏହି ଉଦ୍ୟମ ସବୁଜ ବଳୟ ସୃଷ୍ଟି କରିବା ସହ ଜଙ୍ଗଲରୁ ଜାଳେଣି ସଂଗ୍ରହ ଜନିତ କାମର ବୋଝ, ପାରସ୍ପରିକ କଳହ ଓ ସ୍ୱାସ୍ଥ୍ୟ ହାନୀ ଦୂର କରିବ ।

## ସରକାରୀ କଳ ଉପରେ ପ୍ରଭାବ

ସଂଘ ସ୍ଥାନୀୟ ଜଙ୍ଗଲ ବିଭାଗ, ଜିଲ୍ଲା ପ୍ରଶାସନ, କୃଷି ବିଭାଗ, ଆଦିବାସୀ ଉନ୍ନୟନ ବିଭାଗ ଏବଂ ମହିଳା ଓ ଶିଶୁ କଲ୍ୟାଣ ବିଭାଗ ଆଦି ସହ ସଂପର୍କ ସ୍ଥାପନ କରି ପାରିଛି । ଏହି ସବୁ ବିଭାଗରୁ ଜିଆଖତ ପ୍ରସ୍ତୁତି, ଔଷଧିୟ ନର୍ସରୀ ସ୍ଥାପନ ଓ ଫଳଗଛ ଚାରା ସୃଷ୍ଟି ଆଦିବାବଦକୁ ୧୦,୦୦,୦୦୦ଟଙ୍କା ଅନୁଦାନ ହାସଲ କରାଯାଇ ପାରିଛି । ସ୍ଥାନୀୟ ସରକାରୀ ଅଧିକାରୀମାନେ ସଂଘର କାର୍ଯ୍ୟକୁ ଦେଖି ଏହାକୁ ବିଭିନ୍ନ ସରକାରୀ ଯୋଜନାରେ ସାମିଲ କରିବା ପାଇଁ ପ୍ରତିଶୃତି ଦେଇଛନ୍ତି । ଲୋକ ମାନଙ୍କ ବର୍ଦ୍ଧିତ ଚାହିଦା ମୁତାବକ ପଶୁଖାଦ୍ୟ ବ୍ୟାଙ୍କରେ ଅଭାବ ଯୋଗୁଁ ସଂଘ କର୍ମକର୍ତ୍ତା ମାନେ ସରକାରୀ ବିଭାଗକୁ ଅଧିକ ପଶୁଖାଦ୍ୟ ଯୋଗାଇବା ପାଇଁ ଚାପ ପକାଇଲେ । ସେମାନଙ୍କ ଦାବୀ ଯୋଗୁଁ ବ୍ଲକ୍ ସ୍ତରରେ ଏକ ପଶୁଖାଦ୍ୟ କେନ୍ଦ୍ର ଖୋଲାଗଲା । ଏଥିରୁ ୨୫୦୦ ପରିବାର ରିହାତି ଦାମରେ ପଶୁଖାଦ୍ୟ ପାଇବାର ସୁବିଧା ପାଇଲେ । ସରକାରୀ ବିଭାଗ ସହ ସମ୍ପର୍କ ସ୍ଥାପନ ଯୋଗୁଁ ସରକାରୀ ଯୋଜନା ସଂପର୍କିତ ସୂଚନା ଗୁଡିକ ଗାଁ ସ୍ତରରେ ପହଞ୍ଚି ପାରିଲା । ସ୍ଥାୟୀ କୃଷି ବ୍ୟବସ୍ଥା, ଆୟ ବର୍ଦ୍ଧକ କାର୍ଯ୍ୟକ୍ରମ ଆଦି ପାଇଁ ବିଭିନ୍ନ ଯୋଜନା କାର୍ଯ୍ୟକାରୀ ହେବାରୁ ଦେଶାନ୍ତରୀ ହ୍ରାସ ପାଇଲା । ସଂଘ ଗରୀବ ପରିବାର ଗୁଡିକ ପାଇଁ ଏକ ସାଧନ କେନ୍ଦ୍ର ହିସାବରେ କାର୍ଯ୍ୟ କଲା ଓ ବିଭିନ୍ନ ତାଲିମ, ବୈଷୟିକ କୌଶଳ, ଯୋଜନା ପ୍ରସ୍ତୁତି ଆଦି ମାଧମରେ ସେମାନଙ୍କ ସାମର୍ଥ୍ୟର ବିକାଶ କଲା ।

## ସଂପ୍ରସାରଣ

ଗ୍ଲୋବାଲ୍ ଏନ୍ଭରନ୍ମେଣ୍ଟ ଫାସିଲିଟିରୁ କ୍ଷୁଦ୍ର ଅନୁଦାନ ହାସଲ କରି ଏବଂ ଆଦିବାସୀ ଉପଯୋଜନାର ବିଭିନ୍ନ କାର୍ଯ୍ୟକ୍ରମ ଗ୍ରହଣ କରି ମହିଳା ମହାସଂଘ ମହିଳା ତଥା ଗ୍ରାମବାସୀମାନଙ୍କର ଜୀବନଜୀବିକାରେ ପରିବର୍ତ୍ତନ ଆଣିବାରେ ସକ୍ଷମ ହୋଇ ପାରିଲା । ପ୍ରଥମ ପର୍ଯ୍ୟାୟର ସଫଳତା ଆର୍ଥିକ ଉନ୍ନତି, ସ୍ଥାୟୀ ବିକାଶ ପ୍ରକ୍ରିୟା ଓ ମହାସଂଘର ସାମୂହିକ ପରିଚାଳନାଗତ କୌଶଳ ଆଦି ଦିଗଗୁଡିକୁ ମଜଭୁତ କରିପାରିଲା । ଅନ୍ୟ ଗାଁ ଗୁଡିକରେ ସେହି କାମ ଗୁଡିକର ଚାହିଦାକୁ ଦେଖି ଉତ୍‌ଥାନ ସହାୟତାରେ ସେସବୁ ଗାଁକୁ କାର୍ଯ୍ୟକ୍ରମ ସଂପ୍ରସାରଣ କରାଗଲା । ଏହା ୨୪ଟି ପ୍ରଥମ ପର୍ଯ୍ୟାୟ ଗାଁ ସହ ୧୮ଟି ନୂଆ ଗାଁରେ ଜୀବିକା ସଂଗଠନ ଓ କାର୍ଯ୍ୟକ୍ରମ ମାନ ଆରମ୍ଭ କଲା ।

ମହାସଂଘ ତରଫରୁ ଗ୍ରାମ ପଞ୍ଚାୟତଗୁଡିକୁ ମଧ ପ୍ରଭାବିତ କରାଗଲା । ୧୦ ଟି ଗ୍ରାମପଞ୍ଚାୟତ ନିଜ ଅଞ୍ଚଳରେ ଏହି କାର୍ଯ୍ୟକ୍ରମକୁ ସହଯୋଗ କରିବା ପାଇଁ ପ୍ରସ୍ତାବ ମଧ ଗୃହିତ କଲେ । କାମକୁ ତ୍ୱରାନ୍ୱିତ କରିବା ପାଇଁ ଲୋକ ଯୋଜନା ମଧ ପ୍ରସ୍ତୁତ କରାଗଲା ।

ମହିଳା ଓ ଅଗ୍ରଣୀ ପୁରୁଷ ଚାଷୀ ମାନଙ୍କ ଦ୍ୱାରା ଜିଆଖତ, ଜୈବିକ ଖତ ପ୍ରୟୋଗ, ଜୈବିକ ଔଷଧ ଆଦି ପ୍ରୟୋଗ କରି ଜୈବିକ ଚାଷ ଓ ଫଳଚାଷ ଭଳି ଚୀରନ୍ତନ କୃଷି ପ୍ରଣାଳୀ ସଂପର୍କରେ ପରୀକ୍ଷା ମୂଳକ ପ୍ରଦର୍ଶନୀ ଯୋଗୁଁ ଚାଷୀ ମାନଙ୍କର ସ୍ଥାୟୀ କୃଷି ଓ ଖାଦ୍ୟ ନିରାପତ୍ତା ପ୍ରତି ଆକର୍ଷଣ ବୃଦ୍ଧି ପାଇଛି । ସ୍ଥାୟୀ କୃଷି, ଜଙ୍ଗଲ ପରିବେଶ ଓ ଜୈବ ବିବିଧତାର ସୁରକ୍ଷା ଓ ଗରୀବ ପରିବାର ଗୁଡିକର ଖାଦ୍ୟ ନିରାପତ୍ତାକୁ ମଜଭୁତ କରିବା ପାଇଁ ମହାସଂଘ ତରଫରୁ ଏକ ଅଞ୍ଚଳ ସମ୍ବଳ ଦଳ ( ଏରିଆ ରିସୋର୍ସ ଗ୍ରୁପ୍) ଗଠନ କରାଯିବାକୁ ଉଦ୍ୟମ ଜାରି ରହିଛି । ଏହା ଲୋକ ମାନଙ୍କୁ ଏହାର କାର୍ଯ୍ୟକାରୀତା, ତଦାରଖ ଓ ବଜାର ସୁବିଧା କରିବାରେ ସହାୟତା କରିବ ।

ଏବେ ବନୀତା ଶକ୍ତି ମହିଳା ସଂଗଠନ ବିଭିନ୍ନ ସମସ୍ୟା ସଂପର୍କରେ ଏହାର ନିଜସ୍ୱ ଅନୁଭୂତିରୁ ଅଧିକ ଦୃଢ ହୋଇଛି । ବର୍ତ୍ତମାନ ପରିବେଶ ଓ ଜଳବାୟୁ ପରିବର୍ତ୍ତନର ଭୟ ସହ ଜିନ୍ ପରିବର୍ତ୍ତିତ ବିହନ ଓ ରାସାୟନିକ ସାର ଔଷଧର ବ୍ୟବହାର ବୃଦ୍ଧି ପାଇବାକୁ ବସିଥିବା ବେଳେ ମହିଳାମାନେ ନିଜର ପାରଂପରିକ କୃଷି ଓ ଜୀବନଶୈଳୀ ହିଁ ଏହାର ଏକମାତ୍ର ବିକଳ୍ପ ବୋଲି ବୁଝି ଏହାର ସଂରକ୍ଷଣ ପାଇଁ ଆଗେଇ ଆସିଛନ୍ତି । ମହିଳାମାନେ ସେମାନଙ୍କ ପରିବାର, ଗୋଷ୍ଠୀ ଓ ରାଜ୍ୟ ଆଦିରେ ସାମାଜିକ ସଂପର୍କର ବାର୍ତ୍ତାବହ ହୋଇଥିବାରୁ ଏହି ପରିବର୍ତ୍ତନର ଆହ୍ୱାନ ଚାଲିଛି ଏବଂ ଚାଲୁ ରହିଥିବ ।

*ଉତ୍ସ -ଲେଇସା ଇଣ୍ଡିଆ, ବର୍ଷ- ୯, ସଂଖ୍ୟା - ୩, ଜୁନ୍ ୨୦୦୯*

**ନରେଶ ଯାଦବ ଓ ପଲ୍ଲବୀ ସୋବ୍‌ତି-ରାଜପାଲ**

ଉତ୍‌ଥାନ
୩୬, ଚିତ୍ରକୁଟ ଟୁଇନ୍ ବଙ୍ଗଳା
ମ୍ୟାନେଜମେଣ୍ଟ ଏନ୍କ୍ଲେଭ ପଛପାଖି, ବସ୍ତ୍ରପୁର
ଅହମଦାବାଦ - ୩୮୦୦୧୫, ଭାରତ
Email: utthan.ahmedabad@gmail.com
www.utthangujarat.org

## ବିଭିନ୍ନ ଆଞ୍ଚଳିକ ଭାଷାରେ ଲେଇସା ଇଣ୍ଡିଆ ପତ୍ରିକା

ଆମର ଆଞ୍ଚଳିକ ଭାଷାର ପାଠକମାନଙ୍କର ବର୍ଦ୍ଧିତ ଚାହିଦାକୁ ଦୃଷ୍ଟିରେ ରଖି ବର୍ତ୍ତମାନ ଲେଇସା ଇଣ୍ଡିଆ ବିଭିନ୍ନ ପାଞ୍ଚଟି ଆଞ୍ଚଳିକ ଭାଷା ଯଥା - ହିନ୍ଦି, କନ୍ନଡ, ତାମିଲ, ତେଲୁଗୁ ଏବଂ ଓଡିଆରେ ପ୍ରକାଶିତ ହେଉଛି । ଏହି ପାଞ୍ଚଟି ଆଞ୍ଚଳିକ ଭାଷାର ସଂସ୍କରଣଗୁଡ଼ିକ **www.leisaindia.org** ୱେବ୍‌ସାଇଟ୍‌ରେ ଉପଲବ୍ଧ ଅଟେ ।

